ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.282 Bhubaneswar Tuesday December 27 2022 | ୨୫ତମ ବର୍ଷ ସଂଖ୍ୟା-୨୮୨ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨୭, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


## ଶ୍ରୀମନ୍ଦିର ବାଇଶି ପାହାଚ୍‌ରେ ଠେଲାପେଲା, ଅଣନିଶ୍ୱାସୀ ହେଲେ ୬ ଜଣ ସ୍କୁଲ ଛାତ୍ରୀ



ପୁରୀ, ୨୬।୧୨(ପି.ଏନ): ଶ୍ରୀମନ୍ଦିର ବାଇଶି ପାହାଚ୍‌ରେ ଠେଲାପେଲା। ଠେଲାପେଲା ହେବାରୁ ଅସୁସ୍ଥ ହେଲେ ୬ ସ୍କୁଲ ଛାତ୍ରୀ। ଆଜି ସନ୍ଧ୍ୟାରେ ଘଟିଛି ଏହି ଘଟଣା। ସେମାନଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମସ୍ତ ଅସୁସ୍ଥ ଛାତ୍ରୀ ମୟୂରଭଞ୍ଜ ହୃଦାନନ୍ଦ ହାଇସ୍କୁଲର। ଛାତ୍ରୀମାନେ ଶ୍ରୀମନ୍ଦିର ସିଂହଦ୍ୱାର ଠାରୁ ମରଚ୍ଚିକୋର୍ଟ ଛକ ପର୍ଯ୍ୟନ୍ତ ଲମ୍ବିଥିବା ବ୍ୟାରିକେଡ୍ ଦେଇ ବହୁ କଷ୍ଟରେ ବାଇଶି ପାହାଚ୍‌ରେ ପହଞ୍ଚିବା ବେଳକୁ ହାଲିଆ ହୋଇଯାଇଥିଲେ। ଭିଡ ଭିତରେ ଠେଲାପେଲା ହେବାରୁ ସେମାନେ ଅଣନିଶ୍ୱାସୀ ହୋଇ ବାଇଶି ପାହାଚ୍‌ରେ ପଡି ଯାଇଥିଲେ। ସେମାନଙ୍କ ସହ ଥିବା ଅନ୍ୟ ସହପାଠୀମାନେ ଚିତ୍କାର କରିବା ପରେ ପୁଲିସ ପକ୍ଷରୁ ଉଦ୍ଧାର କାର୍ଯ୍ୟ କରାଯାଇଥିଲା।ଏହି ସ୍କୁଲ ଛାତ୍ରୀମାନେ ପିକ୍‌ନିକ୍‌ରେ ଆସିଥିବା ବେଳେ ଶ୍ରୀମନ୍ଦିରକୁ ଠାକୁର ଦର୍ଶନ ନିମନ୍ତେ ଯାଉଥିଲେ। ଆଜି ଶ୍ରୀମନ୍ଦିରରେ ଠାକୁର ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଜମିଛି। ଶୀତଦିନ ସାଙ୍ଗକୁ ବଡଦିନ ଛୁଟି ଥିବାରୁ ବିଭିନ୍ନ ସ୍କୁଲରୁ ଛାତ୍ରଛାତ୍ରୀମାନେ ଶିକ୍ଷକଙ୍କ ସହ ପିକ୍‌ନିକ୍ କରିବାକୁ ପୁରୀରେ ପହଞ୍ଚିଛନ୍ତି।

## କେସିଆରଙ୍କୁ ଝଟକା: ବିଧାୟକ କିଣାବିକା ଘଟଣାର ତଦନ୍ତ କରିବ ସିବିଆଇ



ହାଇଦ୍ରାବାଦ, ୨୬।୧୨(ପି.ଏନ): ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ ଚନ୍ଦ୍ରଶେଖର ରାଓ(କେସିଆର) ଓ ତାଙ୍କ ଦଳ ଭାରତ ରାଷ୍ଟ୍ର ସମିତିକୁ ଶକ୍ତ ଝଟକା ଲାଗିଛି। କେସିଆରଙ୍କ ଦଳର କିଛି ବିଧାୟକଙ୍କୁ ବିଜେପି କିଣି ସରକାର ଭାଙ୍ଗିବାକୁ ଚେଷ୍ଟା କରୁଥିବା ଅଭିଯୋଗର ତଦନ୍ତ ଏବେ ରାଜ୍ୟ ପୁଲିସ୍ କରିବ ନାହିଁ। ଏହାର ତଦନ୍ତ ସିବିଆଇ କରିବ ବୋଲି ଆଜି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।ଏହି କିଣାବିକା ଘଟଣାରେ ଭାରତ ରାଷ୍ଟ୍ର ସମିତର ୪ ଜଣ ବିଧାୟକ ଓ ବିଜେପି ସହ ଲିଙ୍କ ଥିବା କିଛି ଲୋକ ସାମିଲ ଥିବା ନିଜେ କେସିଆର ଭିଡିଓ ଜାରି କରି ଅଭିଯୋଗ କରିଥିଲେ। ଏହାର ତଦନ୍ତ ପାଇଁ ରାଜ୍ୟ ସରକାର ଏସଆଇଟି ଗଠନ କରିଥିଲେ। କିନ୍ତୁ ହାଇକୋର୍ଟ ଏସଆଇଟିକୁ ରଦ୍ଦ କରି ଘଟଣାର ତଦନ୍ତ ଦାୟିତ୍ୱ ସିବିଆଇକୁ ଦେଇଛନ୍ତି। ତେବେ ଏସଆଇଟି ହାଇକୋର୍ଟଙ୍କ ରାୟକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି କହିଛି। ହାଇକୋର୍ଟଙ୍କ ରାୟକୁ ବିଜେପି ନେତା ତଥା ଆଇନଜୀବୀ ରାମ ଚନ୍ଦ୍ର ରାଓ ସ୍ୱାଗତ କରିଛନ୍ତି।ଦୁଇ ମାସ ତଳେ ତେଲେଙ୍ଗାନାର ମୋଇନାବାଦରେ ଥିବା ଗୋଟିଏ ଫାର୍ମ ହାଉସରେ ପୁଲିସ ରେଡ କରିଥିଲା। ଏହାପରେ ସାଇବରାବାଦ ପୁଲିସ୍ ? କହିଥିଲା ଯେ ୪ ଜଣ ବିଧାୟକଙ୍କୁ ୧୦୦ କୋଟି ଲେଖାଏ ଟଙ୍କାରେ କିଣି କ୍ଷମତାସୀନ କେସିଆର ସରକାରକୁ ଭାଙ୍ଗିବା ପାଇଁ ଚାଲିଥିବା ଷଡଯନ୍ତ୍ରର ପର୍ଦ୍ଦାଫାସ ହୋଇଛି। ସେତେବେଳେ ଦଳ ବଦଳ ପାଇଁ ଲୋଭନୀୟ ଆର୍ଥିକ ଅଫର ପାଇଥିବା ବିଧାୟକ ରୋହିତ ରେଡ୍ଡୀ କହିଛନ୍ତି ଯେ ତାଙ୍କୁ କେନ୍ଦ୍ରୀୟ ଏଜେନ୍ସିର ଧମକ ଦିଆଯିବା ସହ ଭୟଭୀତ କରିବାକୁ ଚେଷ୍ଟା କରାଯାଉଛି। ଯଦି ଆମେ ଦଳ ବଦଳ ନ କରିବୁ, ତା'ହେଲେ ଇଡି ଓ ସିବିଆଇ ଦ୍ୱାରା ରେଡ୍ କରାଯିବ ବୋଲି ଚେତାବନୀ ବିଜେପି ସହ ଲିଙ୍କରେ ଥିବା ଲୋକମାନେ ଦେଇଥିବା ସେ କହିଛନ୍ତି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେସିଆର ମଧ ବିଜେପି ବିରୋଧରେ ସମାନ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ବିଜେପି ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛି। ଏଥିସହ ମୁଖ୍ୟମନ୍ତ୍ରୀ କେସିଆର ଜାଣିଶୁଣି ଏପରି ବିଧାୟକ କିଣାବିକା ନାଟକ ପ୍ରସଙ୍ଗ ଉଠାଇଥିବା ଦଳ ଅଭିଯୋଗ କରିଛି।

## ଆଜି କୋଭିଡ୍ ସ୍ଥିତି ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୬।୧୨(ପି.ଏନ): ବଢୁଥିବା କରୋନା ଭୟକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଉଚ୍ଚ ସ୍ତରୀୟ ବୈଠକରେ ସମୀକ୍ଷା କରିବେ । ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଆସନ୍ତା କାଲି ଅପରାହ୍ନ ୪.୩୦ ରେ ମୁଖ୍ୟମନ୍ତ୍ରୀ କୋଭିଡ ସ୍ଥିତି ସମୀକ୍ଷା କରିବେ । ଏହି ବୈଠକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ସଚିବଙ୍କ ସହ ସ୍ୱାସ୍ଥ୍ୟ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି ।

## ୨୮ରେ ଦିନିକିଆ ଓଡିଶା ଗସ୍ତରେ ଆସିବେ ନଡ୍ଡା

ଭୁବନେଶ୍ୱର, ୨୬।୧୨(ପି.ଏନ): ଆସନ୍ତା ୨୮ ତାରିଖରେ ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା । ଗସ୍ତ ଅବସରରେ ଶ୍ରୀ ନଡ୍ଡା କନ୍ଧମାଳ ଓ ପୁରୀ ଲୋକସଭା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ରାଜ୍ୟ ସାଧାରଣ ସଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ରାଷ୍ଟ୍ରୀୟ ସଭାପତି ଶ୍ରୀ ନଡ୍ଡା ଭୁବନେଶ୍ୱର ପହଂଚିବା ପରେ ସିଧାସଳଖ କନ୍ଧମାଳ ଲୋକସଭା ଓ ବାଲିଗୁଡା ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ତୁମୁଡିବନ୍ଧ ଗସ୍ତ କରିବେ। ସେଠାରେ ପୂର୍ବାହ୍ନ ୧୧.୩୦ ସମୟରେ ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ସଭାରେ ଯୋଗ ଦେବା ପରେ ଜଳେଶପଟା ଆଶ୍ରମସ୍ଥିତ ନୂତନ କନ୍ୟାଶ୍ରମକୁ ଉଦ୍‌ଘାଟନ କରିବେ।

## ପ୍ରତିଷ୍ଠା ଦିବସରେ କାହିଁକି ଏମିତି କହିଲେ ନବୀନ, ଗୋଷ୍ଠୀକନ୍ଦଳକୁ ନେଇ ଆଶଙ୍କିତ କି ?



ଭୁବନେଶ୍ୱର,(ପି.ଏନ): " ବିଜେଡି କେବେବି ଜଣେ କି ଦୁଇଜଣଙ୍କ ଉପରେ ନିର୍ଭର କରିନି କିମ୍ବା ଭବିଷ୍ୟତରେ ବି କରିବ ନାହିଁ । ଏହା ଏକ ସାମାଜିକ ଆନ୍‌ଦୋଳନ । ଓଡିଶାବାସୀଙ୍କ ଆଶା, ବିଶ୍ୱାସ ଓ ସ୍ୱାଭିମାନ ଏହି ଆନ୍‌ଦୋଳନକୁ ଆଗେଇ ନେବ ।" ପୁରୀଠାରେ ଆଜି ଦଳର ୨୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦଳୀୟ ନିର୍ବାଚିତ ପ୍ରତିନିଧି ଓ ସାଂଗଠନିକ କର୍ମକର୍ତ୍ତାମାନଙ୍କୁ ସମ୍ବୋଧିତ କରି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ତେବେ ଦଳର ପ୍ରତିଷ୍ଠା ଦିବସରେ ଦୁଇ ପ୍ରମୁଖ ବିରୋଧୀ ଦଳ ବିଜେପି ଓ କଂଗ୍ରେସକୁ ସମାଲୋଚନା ଏବଂ ତଥାକଥିତ କେନ୍ଦ୍ର ଅବହେଳା ପ୍ରସଙ୍ଗରେ ନିରବ ଥିବା ନବୀନ ନିଜ ଦଳରେ ବ?ୁଥିବା ତୀବ୍ର ଗୋଷ୍ଠୀକନ୍ଦଳକୁ ପ୍ରଶମିତ କରିବାକୁ ଏଭଳି ତାଳିପକା ଉଦ୍ୟମ କରିଥିବା ସାଧାରଣରେ ଚର୍ଚ୍ଚା ।ପୁରୀଠାରେ ଦଳର ୨୫ତମ ପ୍ରତିଷ୍ଠା ଦିବସ ସମାରୋହରେ ନବୀନ ପ୍ରଥମଥର ପାଇଁ ବିଜେଡିର ନିର୍ବାଚନୀ ସଫଳତାର କାରଣକୁ ସାର୍ବଜନୀନ କରିଛନ୍ତି । ଆଉ ବିଜେଡି କିଭଳି ମହିଳାମାନଙ୍କ ଆସ୍ଥା ଜିଣି ୨୫ବର୍ଷ କ'ଣ ୧୦୦ବର୍ଷ ପର୍ଯ୍ୟନ୍ତ ରାଜ୍ୟରେ କ୍ଷମତାରେ ରହିପାରିବ ତା'ର ବ୍ଲୁ-ପ୍ରିଣ୍ଟ ଦେଇଛନ୍ତି । ତେବେ ମଂଚ୍ଚରେ ଉପସ୍ଥିତ ଥାଇ ନିଜର ଭିଡିଓ ବାର୍ତ୍ତାରେ ନବୀନ ନିଜ ଦଳର ସଫଳତାର ଯେଉଁ ରହସ୍ୟ ଖୋଲିଛନ୍ତି ସେଥିରେ ବିଜୁ ପଟ୍ଟନାୟକଙ୍କ ଆଦର୍ଶ, ସ୍ୱଚ୍ଛ ନିର୍ମଳ ଶାସନ, ମହିଳା ସଶକ୍ତିକରଣ, ଓଡିଶା ଓ ଓଡିଶାବାସୀଙ୍କ ସେବାକୁ ପ୍ରାଥମିକତା ଦେବା ହିଁ ସର୍ବ ?ାପରି ବୋଲି କହିଛନ୍ତି ।ବିଗତ କିଛିବର୍ଷ ଧରି ନବୀନ ଯେତେବେଳେ ବି ଦଳୀୟ ପ୍ଲାଟଫର୍ମରେ ନିଜର ଅଭିଭାଷଣ ରଖିଛନ୍ତି,ସେଥିରେ ଦଳ ଭିତରେ ବଢ଼ି ଚାଲିଥିବା ଗୋଷ୍ଠୀକନ୍ଦଳ ଉପରେ ତାଳି ପକାଇବା ଉଦ୍ଦେଶ୍ୟରେ ବିବୃତ୍ତି ଜାରି କରିବାକୁ ପଛାଇନାହାନ୍ତି । ୨୦୧୯ ଡିସେମ୍ବର ୨୬ ପ୍ରତିଷ୍ଠା ଦିବସରେ ବିଜେଡିର ଉତ୍ତରାଧିକାରୀ ତାଙ୍କ ପରିବାରରୁ କେହି ହେବେନି ଓ ଓଡିଶାବାସୀ ହିଁ ବିଜେଡିର ଉତ୍ତରାଧିକାରୀ ବାଛିବେ ବୋଲି ସ୍ପଷ୍ଟ କରିଥିଲେ । ବିଜେଡି ନିଜର ସ୍ଥିତି ଓ ଅଭିବୃଦ୍ଧି ପାଇଁ ତାଙ୍କ ଉପରେ କିମ୍ବା ଦଳର କିଛି ନେତାଙ୍କ ଉପରେ ନିର୍ଭରଶୀଳ ନୁହେଁ ବୋଲି ନବୀନ ରୋକଠୋକ୍ ଭାବେ କହିଥିଲେ ।୨୦୨୨ ସେପ୍‌ଟେମ୍ବର ମାସରେ ଦଳର ଉତ୍ତରାଧିକାରୀକୁ ନେଇ ବିଜେଡି ପାଖରେ ନିର୍ଦ୍ଦିଷ୍ଟ ପ୍ଲାନ ରହିଛି । ଲୋକଙ୍କ ଭଲପାଇବାରେ ଦୀର୍ଘଦିନ ଧରି ବିଜେଡି ସେବା କରିବ ବୋଲି ନବୀନ କହିଥିଲେ । ଆଜି ଦଳୀୟ ପ୍ରତିଷ୍ଠା ଦିବସରେ ନବୀନ କହିଥିଲେ ଯେ, ବିଜେଡି କେବେ ଜଣେ କି ଦୁଇଜଣଙ୍କ ଉପରେ ନିର୍ଭର କରିନି । କିମ୍ବା ଭବିଷ୍ୟତରେ ବି କରିବ ନାହିଁ । ତେବେ ବର୍ତ୍ତମାନ ପରିସ୍ଥିତିରେ ନବୀନ କାହାକୁ ଇଙ୍ଗିତ କରି ଏହି ବୟାନ ଦେଇଛନ୍ତି । ଦଳ ଏବେ ଯେଉଁ ଜଣେ ଦୁଇଜଣଙ୍କ ଉପରେ ନିର୍ଭର କରି ପରିଚାଳିତ ହେଉଛି ତାହା ସମସ୍ତେ ଜାଣନ୍ତି । ଦଳୀୟ ସଂଗଠନକୁ ଚଳାଇବା ପାଇଁ ଗୋଟିଏ ପ୍ରଭାବଶାଳୀ ଗୋଷ୍ଠୀ ଯେଉଁ ଢଙ୍ଗରେ କାର୍ଯ୍ୟ କରୁଛି ଓ ତାକୁ ନେଇ ଦଳ ଭିତରେ ଛକାପଞ୍ଝା ତୀବ୍ର ହେବାରେ ଲାଗିଛି । ଆଉ ଉପରକୁ ଠିକ୍ ଠାକ୍ ଦିଶୁଥିବା ବିଜେଡିର ଆଭ୍ୟନ୍ତରୀଣ ଗୋଷ୍ଠୀକନ୍ଦଳ ତୀବ୍ର ହେଉଥିବାରୁ ହୁଏତ ତାକୁ ପ୍ରଶମିତ କରିବାକୁ ନବୀନ ଏଭଳି ବୟାନ ଦେଇଥିବା ରାଜନୀତିକ ବିଶ୍ଳେଷକ ମହଲରେ ଚର୍ଚ୍ଚା ହେଉଛି। ଆଜି ୨୫ତମ ପ୍ରତିଷ୍ଠା ଦିବସକୁ ଦଳ ପୁରୀରେ ପାଳନ କରିଥିଲେ ମଧ ସେହି ଜିଲ୍ଲାର ପ୍ରଭାବଶାଳୀ ନେତା ତଥା ବିଜେଡି କାର୍ଯ୍ୟାଳୟ ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମାଙ୍କୁ ସକ୍ରିୟ ଭୂମିକାରେ ଦେଖିବାକୁ ମିଳିନଥିଲା । ଏପରିକି ପୁରୀ ସାଂସଦ ପିନାକୀ ମିଶ୍ର ଅନୁପସ୍ଥିତ ରହିଥିଲେ ।

## କୋଭିଡ ଗାଇଡ୍ ଲାଇନ ଅନୁଯାୟୀ ହେବ ଦଶମ ଓ ଦ୍ୱାଦଶ ପରୀକ୍ଷା

ଭୁବନେଶ୍ୱର, ୨୬।୧୨ (ପି.ଏନ): ରାଜ୍ୟରେ କୋଭିଡ ଗାଇଡ୍ ଲାଇନ ଅନୁଯାୟୀ ଦଶମ ଓ ଦ୍ୱାଦଶ ପରୀକ୍ଷା ହେବ । ରାଜ୍ୟର ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଅନ୍ୟ ଦେଶରେ କୋଭିଡ ବଢୁଥିବାରୁ ଏଭଳି ପଦେକ୍ଷପ ନିଆଯାଉଛି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ପିଲାମାନଙ୍କୁ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ସେ ନିବେଦନ କରିଛନ୍ତି ।

## ୫ଟି ସ୍କୁଲ ବିଲ୍ ପାସ୍ କରିବାକୁ ଯନ୍ତ୍ରୀ ନେଉଥିଲେ ୬୫ ହଜାର ଟଙ୍କା, ଧରିଲା ଭିଜିଲାନ୍ସ



ବାରିପଦା, ୨୬।୧୨(ପି.ଏନ): ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡିଲେ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ କନିଷ୍ଠ ଯନ୍ତ୍ରୀ ଆଶିଷ ଘଡ଼?ଇ। ୫ଟି ସ୍କୁଲ କାମର ବିଲ୍ କରାଇଦେବାକୁ କଣ୍ଟ୍ରାକ୍ଟରଙ୍କ ଠାରୁ ସେ ୬୫ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ତାଙ୍କ ଠାରୁ ଲାଞ୍ଚ ଟଙ୍କା ଜବତ କରାଯାଇଛି। ସେ ଅରିକୂଳ ରାସ୍ତାରେ ଟଙ୍କା ନେଲା ବେଳେ ଧରାପଡିଛନ୍ତି। ବାରିପଦା ଭିଜିଲାନ୍ସ ପକ୍ଷରୁ ଏନେଇ ଏକ ମାମଲା ରୁଜୁ କରାଯାଇଛି ।ଅନ୍ୟପଟେ ଆୟବର୍ହିଭୂତ ସମ୍ପତ୍ତି ଠୁଳ ସନ୍ଦେହରେ ଆଶିଷଙ୍କ ଘର, ସରକାରୀ କ୍ୱାର୍ଟର୍ସ ସମେତ ବିଭିନ୍ନ ସ୍ଥାନରେ ଚ?ାଉ ଜାରି ରହିଛି। ସୂଚନା ମୁତାବକ, ବିଲ୍ ପାସ୍ ? କରାଇ ଦେବାକୁ ଆଶିଷ ଲାଞ୍ଚ ମାଗିବା ପରେ ଠିକାଦାର ଜଣକ ଏ ସମ୍ପର୍କରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସ ଏହି ଲାଞ୍ଚୁଆ ଯନ୍ତ୍ରୀଙ୍କୁ ଧରିବାକୁ ଯୋଜନା ପ୍ରସ୍ତୁତ କରିଥିଲା। ଆଜି ଆଶିଷ ଲାଞ୍ଚ ନେବା ପରେ ଭିଜିଲାନ୍ସ ପକ୍ଷରୁ ଅତର୍କିତ ଚ?ାଉ କରାଯାଇଥିଲା। ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରାଯିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେଇଛି ଭିଜିଲାନ୍ସ।

## ଓଡିଶା ରାଜନୀତିର ଅପରାଧିକରଣ ର ପ୍ରତିବାଦ ରେ ବିଜେପି ବରଗଡ ତରଫରୁ ସତ୍ୟାଗ୍ରହ ଅନୁଷ୍ଠିତ




ବରଗଡ଼, ୨୬।୧୨(ପି.ଏନ): ଓଡିଶା ରାଜନୀତି ର ଅପରାଧୀକରଣ ଏବଂ ମହିଳା ମାନଙ୍କ ପ୍ରତି ଓଡିଶା ରେ ବୃଦ୍ଧି ପାଉଥୁବା ଅତ୍ୟାଚାର ର ପ୍ରତିବାଦ ରେ ଆଜି ତା ୨୬.୧୨.୨୦୨୨ ରିଖ ଦିନ, ସ୍ଥାନୀୟ ଗାନ୍ଧୀ ଛକ ଠାରେ ବିଜେପି ବରଗଡ ତରଫରୁ ଜିଲ୍ଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଙ୍କ ସଂଯୋଜନା ରେ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଯାଇଛି. ଏହି ସତ୍ୟାଗ୍ରହ ରେ ବରଗଡ ସାଂସଦ ଯୋଗ ଦେଇ ଓଡିଶା ରେ ବୃଦ୍ଧି ପାଉଥିବା ନାରୀନିର୍ଯାତନା ର ତୀବ୍ର ବିରୋଧ କରିଥିଲେ ଏବଂ ଓଡ଼ିଶାରେ ବୃଦ୍ଧି ପାଉଥିବା ରାଜନୈତିକ ହିଂସା କୁ ସଂରକ୍ଷଣ ଦେଉଥିବା ବିଜେଡି ର ନେତୃବୃନ୍ଦ ଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରଗଣ ପାଇଁ ମୁଖ୍ୟମନ୍ତ୍ରୀ ଙ୍କୁ ଆହ୍ୱାନ ଦେଇଥିଲେ. ଆଗାମୀ ଦିନରେ ଯଦି ଅପରାଧୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ବିଜେପି ପକ୍ଷରୁ ବ୍ୟାପକ ଭାବେ ଆନ୍‌ଦୋଳନ୍ତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ବୋଲି ଏହି ଅବସରରେ ଚେତାବନୀ ଦିଆଯାଇଥିଲା। ଆଜିର ଏହି ସତ୍ୟାଗ୍ରହ ରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ସନତ ଗଡତିଆ, ସୌରୀ ଚରଣ ବାରିକ, ଅରୂପାନନ୍ଦ ସାହୁ, ମହମ୍ମଦ ରଫିକ, ମୁକ୍ତା ସାହୁ,ରବି ନାରାୟଣ ଦାଶ, କୁଶ କୁମ୍ଭାର, ସରୋଜ ପାଣିଗ୍ରାହୀ, ସୁଶାନ୍ତ ମିଶ୍ର,ଅକୁର ମଲ୍ଲିକ୍, ପ୍ରବୀଣ ପାଣିଗ୍ରାହୀ,ସୁବ୍ରତ ହୋତା, ଅମିତ ପଣ୍ଡା,ଅବନୀକାନ୍ତ ପଣ୍ଡା, ଲିପ୍ସିତ ମିଶ୍ର, ପରେଶ ବିଶି, ଶୁକ୍ର ସାହୁ,ଚିନ୍ମୟ ପଣ୍ଡା, ପ୍ରମୋଦ ମେହେର, ଶ୍ରୀକାନ୍ତ ପାଣିଗ୍ରାହୀ, ଅଶୋକ ମିଶ୍ର, ଅନୁରାଧା ଅଗ୍ରୱାଲ, ପୂଜା ମହାପାତ୍ର, କ୍ଷୀରେଶ୍ୱରୀ ସ୍ୱାଇଁ, ସଂଯୁକ୍ତା ସାହୁ, ସୂର୍ଯ୍ୟକାନ୍ତି ସାହୁ, ସୀମା ସିଂ, ଚଞ୍ଚଳା ରାଉତ, ଗୀତା ସେଠ, ଅକ୍ଷୟ ନାୟକ, ବିପିନ ଭୋସାଗର, ଉରକୁଳୁ ତାଣ୍ଡି, ଯଶୋବନ୍ତ ସେଠ, ଟୁନା ସାହୁ, ସୁଶାନ୍ତ ଗଡତିଆ, ସୁରେନ୍ଦ୍ର ସିଂ ବରିହା,ଅଚୁତ ବାରିକ, ଧୀରଜ ପଧାନ, ବିଚିତ୍ର ରାଉଳ, ବୈକୁଣ୍ଠ ସାହୁ, ରାଜେଶ କୁମ୍ଭାର, ଅର୍ଜୁନ ବାଗ, ବିପିନ ସାହୁ, ଯୁଧିଷ୍ଠିର ମେହେର, ଦେବେଶ ଶତପଥୀ ତଥା ଅନ୍ୟାନ୍ୟ ବହୁ ନେତୃବୃନ୍ଦ ଯୋଗଦେଇଥିଲେ।

## କେନ୍ଦୁଝର ଜିଲ୍ଲାରେ ସ୍ଲରୀ ପାଇପ ଲାଇନ ଯୋଗୁଁ ନଷ୍ଟ ହେଉଛି ଜଙ୍ଗଲ :ସଙ୍କଟରେ ହାତୀଙ୍କ ଚଳାପଥ

କେନ୍ଦୁଝର, ୨୬।୧୨(ପି.ଏନ): କେନ୍ଦୁଝର ଜିଲ୍ଲାରେ ପ୍ରଭାବଶାଳୀ କମ୍ପାନୀଙ୍କ ପକ୍ଷରୁ ଲୁହା ପଥର ଗୁଣ୍ଡ ପରିବହନ ନିମନ୍ତେ ଜିଲ୍ଲାରେ ସ୍ଲରୀ ପାଇପ ଲାଇନ ବିଛା ଚାଲିଛି। ଏଥିପାଇଁ ବିଛା ଯାଉଥିବା ସ୍ଲରୀ ପାଇପ ଯୋଗୁଁ ସଦର ରେଞ୍ଜ ଅନ୍ତର୍ଗତ ନରଣପୁର ସଂରକ୍ଷିତ ଜଙ୍ଗଲରେ ବ୍ୟାପକ ଜଙ୍ଗଲ ନଷ୍ଟ ହେଉଛି। ଏଥିସହ ବହୁ ସଂଖ୍ୟାରେ ଶାଳ ଅନ୍ୟାନ୍ୟ କିସମର ଗଛ ନଷ୍ଟ କରାଯାଇଥିବାରୁ ସଂପୃକ୍ତ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଘଟଣାକୁ ନେଇ ଅଭିଯୋଗ ହେବା ପରେ ବନ ବିଭାଗ କାମ ତଦନ୍ତ କରିବା ନାମରେ କାମ ବନ୍ଦ କରିଥିବା ସୂଚନା ଦେଇଛି। ପ୍ରକାଶ ଥାଉକି ଯେ, ବଡବିଲ ଠାରୁ ପାରାଦ୍ୱୀପ କୁ ଲୁହାପଥର ଗୁଣ୍ଡ ପରିବହନ ପାଇଁ ସ୍ଲରୀ ପାଇପ ବିଛା କାମ ଚାଲିଛି। ଏହି ପାଇପ ରାସ୍ତା ଠାରୁ ନିର୍ଦ୍ଦିଷ୍ଟ ଦୂରତ୍ୱରେ ବିଛାଇବା କୁ ଅନୁମତି ମିଳିଛି। ଏଥିପାଇଁ ଜଙ୍ଗଲ ବିଭାଗର ଅନୁମତି ମିଳିବା ପରେ ଏବଂ ଓଡିଶା ବନ ଉନ୍ନୟନ ନିଗମ ଦ୍ୱାରା ଗଛ କଟା ସରିବା ପରେ ସ୍ଲରୀ ପାଇପ ବିଛା କାମ ଆରମ୍ଭ ହୋଇଛି। ତେବେ ସସ୍ତ୍ରୀ ପାଇପ ବିଛାଇବା କାମ ଆରମ୍ଭ ପୂର୍ବରୁ ସବୁଆଡେ ବିରାଟ ବିରାଟ ପାଇପ ପାକଇ ରଖାଯାଇଛି । କିନ୍ତୁ ଏହି ସ୍ଲରୀ ପାଇପ ଲାଇନ ବିଛାଇବା ସମୟରେ ସମସ୍ତ ନୀତି ନିୟମ କୁ ଉଲ୍ଲଙ୍ଘନ କରି ଠିକା ସଂସ୍ଥା ବହୁ ଜଙ୍ଗଲ ନଷ୍ଟ କରିବା ସହ ପରିବେଶ ନଷ୍ଟ କରିବାରେ ଲାଗି ପଡିଥିବା ଦେଖାଯାଉଛି । ପାଇପ ବିଛାଇବା ସମୟରେ ବହୁ ସଂଖ୍ୟାରେ ପୁରାତନ ଶାଳ ଏବଂ ଅନ୍ୟାନ୍ୟ ପୁରାତନ ମୂଲ୍ୟବାନ ଗଛର ମୂଳ ଉପାଡି ନଷ୍ଟ କରି ଦେଇଥିବା ବେଳେ ଅନେକ ଗଛ ଧରାଶାୟୀ ଅପେକ୍ଷାରେ ରହିଛି। ଅନୀୟମିତତା ଏବଂ କାର୍ଯ୍ୟରେ ହେଉଥିବା ତୃଟି କୁ ଛପାଇବା ପାଇଁ ଠିକାଦାର ତରବରିଆ ଭାବେ ପାଇପ ବିଛାଇବା ପରେ ଉକ୍ତ ସ୍ଥାନକୁ ମାଟିରେ ପୋତି ଦିଆଯାଉଛି। ଫଳରେ ହୋଇଥିବା ତୃଟି ଜଣାପଡିବ ନାହିଁ। ନରଣପୁର ସଂରକ୍ଷିତ ଜଙ୍ଗଲ ଟି ଘଂଚ ଜଙ୍ଗଲ ହୋଇଥିବା ସେ ଅଚଂଳଟି ବର୍ଷ ତମାମ ହାତୀ ମାନଙ୍କର ଚଳପ୍ରଚଳ ହୋଇଥାଏ । ଏଭଳି ଅନ୍ଧାଧୁନିଆ ଜଙ୍ଗଲ ନଷ୍ଟ କରାଯିବା ଦ୍ୱାରା ହାତୀ, ଭାଲୁ, ବାରହା, ଝିଙ୍କ, ହରିଣ ଓ ଅନ୍ୟ ବନ୍ୟ ପ୍ରାଣୀଙ୍କ ପାଇଁ ବିପଦ ସୃଷ୍ଟି କରିବା ସହ ଜିଲ୍ଲାର ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଛି। ପାଇପ ବିଛାଇବା ବେଳେ ବନ ବିଭାଗର କେହି ଉପସ୍ଥିତ ରହୁନଥିବାରୁ ଠିକାଦାର ମନଇଚ୍ଛା କାମ କରୁଛି। ପୂର୍ବରୁ ଏଥିପାଇଁ କ୍ଷତିଗସ୍ତ ହେବାକୁ ଥିବା ଗଛ ଗଣନା କରାଯାଇ କଟାଯାଇଥିଲା। ଏବେ ପୁଣି ବିନା ଅନୁମତିରେ ଲୁଚାଛପା ଭାବେ ବହୁ ସଂଖ୍ୟାରେ କିଭଳି ଗଛ କଟାଗଲା ଏବଂ କେହି କିପରି ସୂଚନା ପାଇଲେ ନାହିଁ ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏ ସମ୍ପର୍କରେ ସଦର ରେଞ୍ଜର ବିଜୟ କୁମାର ମହାନ୍ତ ଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପାଇପ ଲାଇନ କାମ କୁ ବନ୍ଦ କରାଯାଇ ଯାଂଚ କରାଯାଉଛି। କିନ୍ତୁ ପ୍ରଭାବ ତଥା ଅନ୍ୟାନ୍ୟ ଚାପ ଆଦିରୁ ଉର୍ଦ୍ଧରେ ରହି ତଦନ୍ତ ତଥା ଯାଚଂ ରେ ବନ ବିଭାଗ କେତେଦୂର ସଫଳ ହେବ ତାହା ଉପରେ ଉଠିଛି ଅନେକ ପ୍ରଶ୍ନ । ଅନ୍ୟ ପକ୍ଷରେ ପ୍ରଭାବଶାଳୀ କମ୍ପାନୀ ମାନଙ୍କ ଦ୍ୱାରା ସ୍ଲରୀ ପାଇପ ଯୋଗେ କେନ୍ଦୁଝରରୁ ଲୁହାପଥର ଗୁଣ୍ଡ ପରିବହନ ଯୋଗୁଁ ଏବେ ଶହ ଶହ ଶିକ୍ଷିତ ବେକାର ଯୁବକ ଋଣ କରି ଟ୍ରକ ବ୍ୟବସାୟ ମଧ୍ୟମାରେ ବଂଚିବା ଲାଗି କରୁଥିବା ସଂଗ୍ରାମ ବାଧା ପ୍ରାପ୍ତ ହୋବା ନିଶ୍ଚିତ ହୋଇପଡିଛି। ଏଭଳି ସ୍ଥିତିରେ ସରକାର କେନ୍ଦୁଝର ଓ କେନ୍ଦୁଝରବାସୀଙ୍କ ହିତ ଦୃଷ୍ଟିରୁ ବିଚାର କରିବା ଆବଶ୍ୟକ ରହିଛି ।

## ଏଏସ୍‌ଓ ପରେ ସବ୍-ଇନ୍ସପେକ୍ଟର ପରୀକ୍ଷାକୁ ନେଇ ବିବାଦ: ବ୍ୟାପକ ଅନିୟମିତତା ଅଭିଯୋଗ




କଟକ, ୨୬।୧୨(ପି.ଏନ): ଏଏସଓ ପରୀକ୍ଷା ପରେ ଏବେ ସବ୍-ଇନ୍ସପେକ୍ଟର ପରୀକ୍ଷାକୁ ନେଇ ଦେଖା ଦେଇଛି ବିବାଦ। ୨୦୧୮ ଓ ୨୦୧୯ରେ ହୋଇଥିବା ଏହି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଟଙ୍କା ନେଇ ସବ ଇନ୍ସପେକ୍ଟର ଚାକିରି ଦିଆଯାଇଥିବା ଅଭିଯୋଗ କରିଛନ୍ତି ଶହ ଶହ ଆଶାୟୀ। ଆଉ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ପାଇଁ ସୋମବାର ସେମାନେ ଡିଜିପିଙ୍କୁ ଭେଟି ଦାବି କରିଛନ୍ତି। ଏପରିକି ସେମାନେ କଟକରେ ଡିଜିପି ଅଫିସ୍ ନିକଟରେ ବିକ୍ଷୋଭ ପ୍ରଦର୍ଶନ ମଧ କରିଥିଲେ। ଏହି ଚାକିରି ଆଶାୟୀମାନେ ପ୍ରଶ୍ନ କରିଛନ୍ତି ଯେ ଯେଉଁ ମାନେ ପୂର୍ବରୁ ବିଭିନ୍ନ ପରୀକ୍ଷା ରେ କ୍ୱାଲିଫାଇ କରି ପାରି ନଥିଲେ ସେମାନେ ସବ୍ ଇନ୍ସପେକ୍ଟର ପରୀକ୍ଷାରେ ଶତ ପ୍ରତିଶତ ମାର୍କ ରଖି ଚାକିରି କେମିତି ପାଇଲେ ସେମାନେ କହିଛନ୍ତି, ପୂର୍ବରୁ ସବ୍-ଇନ୍ସପେକ୍ଟର (ଓଏସଏସବି) କରୁଥିବା ବେଳେ ବିଗତ କିଛି ବର୍ଷ ହେବ ଓଡିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆରବି) ଏହି ପରୀକ୍ଷା କରୁଛି। କିନ୍ତୁ ଲାଗୁଛି ଏଭଳି ପରୀକ୍ଷା କରି ଉପଯୁକ୍ତ ପ୍ରାର୍ଥୀ ବାଛିବାର ଯୋଗ୍ୟତା ପୁଲିସ୍ ବିଭାଗ ପାଖରେ ନାହିଁ।୨୦୧୮ ଓ ୨୦୧୯ ମସିହାରେ ହୋଇଥିବା ପରୀକ୍ଷାର ପୂର୍ଣ୍ଣ ତଦନ୍ତ କରିବା ପାଇଁ ସେମାନେ ଦାବି କରିବା ସହ ସିଲେକ୍ସନ ହୋଇଥିବା ପାର୍ଥୀଙ୍କୁ ବର୍ତ୍ତମାନ ଚାକିରି ନ ଦେବା ପାଇଁ ଦାବି କରିଛନ୍ତି। ପ୍ରକ୍ରିୟାକୁ ବଦଳାଇବାକୁ ସେମାନେ ଦାବି କରିଛନ୍ତି। ପରୀକ୍ଷାକୁ ଅନ୍‌ଲାଇନ୍‌ରେ କରିବା ସହ ଏଥିପାଇଁ ଭଲ ଭେଣ୍ଡରକୁ ଦାୟିତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି। ସେହିପରି ପ୍ରଥମେ ପ୍ରିଲିମ, ତା'ପରେ ଫିଜିକାଲ୍ ଓ ଶେଷରେ ମେନ୍ ପରୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି ।ପୁଲିସ୍ ଡିଜି ଓ ସରକାର ଯଦି କୌଣସି ପଦକ୍ଷେପ ନ ନିଅନ୍ତି, ତା'ହେଲେ ଆଗାମୀ ଦିନରେ ଏହି ଆଶାୟୀମାନେ ଆନ୍‌ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।








# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୂତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି। 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

# ପୁରାଣ କାହାଣୀ

## ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟା ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

# ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସତ କହିବାକୁ କିଆଁ ଡରିବି...

••••••ସୁବାଷ କୁମାର ତାରଣିଆଁ••••••

ସ୍କୁଲ୍‌ରେ ପାଠ ପଢିବା ବେଳେ ରାମକୃଷ୍ଣ ନନ୍ଦଙ୍କ ଲିଖିତ 'ସତ କହିବାକୁ କିଆଁ ଡ଼ରିବି, ସତ କହି ପଛେ ମଲେ ମରିବି, ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନଜନ ଲୋଡ଼ା ନାହିଁ ହେ' ପ୍ରାର୍ଥନାଟିକୁ ଛାତ୍ରଛାତ୍ରୀମାନେ ବୋଲିସାରିବା ପରେ ପାଠପଢା ଆରମ୍ଭ ହୁଏ। ପ୍ରାର୍ଥନାଟିକୁ ବୋଲିବାର ଉଦ୍ଦେଶ୍ୟ, ଛାତ୍ରଛାତ୍ରୀମାନେ ଯେପରି ସତ୍‌ମାର୍ଗକୁ ଅନୁସରଣ କରି, ମିଥ୍ୟାକୁ ପରିତ୍ୟାଗ କରି ଲୋଭର ବଶବର୍ତ୍ତୀ ନହୋଇ ପାଠପଢା ପ୍ରତି ମନୋନିବେଶ କରି ଜଣେ ଜଣେ ମେଧାବୀ ଛାତ୍ରଛାତ୍ରୀଭାବେ ସ୍କୁଲ, ଶିକ୍ଷକ ତଥା ପିତାମାତାଙ୍କ ନାମର ଟେକ ରଖିବେ। ଅବଶ୍ୟ ଏବେ ଆଉ ସ୍କୁଲମାନଙ୍କରେ ସେ ପ୍ରାର୍ଥନା ବୋଲାଯାଉଛି କି ନାହିଁ ତାହା ତ' ଦୂରର କଥା ଏବେ ସତ ବଦଳରେ ମିଛ ଉପରେ ବେଶି ଗୁରୁତ୍ୱ ଦିଆଯାଉଛି। ଲୋକେ ସତ କହିବାକୁ ଯେତିକି ଘୃଣା କରନ୍ତି, ମିଛ କହି ସେତିକି ଆନନ୍ଦ ପାଆନ୍ତି। ହେଲେ ଏହି ମିଛ ପାଇଁ ବେଳେ ବେଳେ ବହୁ ମୂଲ୍ୟ ଦେବାକୁ ପଡ଼ିଥାଏ।

ଜଣେ ଶିକ୍ଷକ ତାଙ୍କର ଅନ୍ୟତ୍ର ବଦଳିକୁ ବାତିଲ୍ କରିବା ପାଇଁ ସ୍ଥାନୀୟ ବିଧାୟକଙ୍କ ନିକଟକୁ ଏକ ଦରଖାସ୍ତ ଦେବା ପାଇଁ ମୋ' ପାଖକୁ ଟାଇପ୍ କରିବାକୁ ଆସିଥିଲେ। ସେ ତାଙ୍କ ଦରଖାସ୍ତରେ ଉଲ୍ଲେଖ କରିଥିଲେ ଯେ, ମୋର ଘରଠାରୁ ୫ କିଲୋମିଟର ଦୂର ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୁଁ ଦୀର୍ଘଦିନ ଧରି ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିଲି। ପିଲାମାନଙ୍କୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ସହିତ ବିଦ୍ୟାଳୟରେ କିପରି ଉନ୍ନତମାନର ଶିକ୍ଷା ପ୍ରଦାନ କରାଯାଇ ଏକ ଆଦର୍ଶ ସ୍କୁଲ୍‌ରେ ପରିଣତ ହେବ, ସେଥିପ୍ରତି ବିଶେଷ ଯତ୍ନବାନ ଥିଲି। ମାତ୍ର ହଠାତ କୌଣସି କାରଣ ନଥାଇ ମୋ' ସ୍ଥାନରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ମୋତେ ମୋ' ଘରଠାରୁ ୭୦ କିଲୋମିଟର ଦୂର ଅନ୍ୟ ଏକ ବିଦ୍ୟାଳୟକୁ ବଦଳି କରାଯାଇଅଛି ଯାହାକି ମୋର ନିଜସ୍ୱ ବ୍ଲକ ନୁହେଁ। ଘରଠାରୁ ବହୁ ଦୂରକୁ ବଦଳି ହୋଇଥିବାରୁ ମୁଁ ପ୍ରତିଦିନ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେବି। ଦ୍ୱିତୀୟତଃ ମୋର ପିତାମାତାଙ୍କୁ ୯୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ହୋଇଥିବାରୁ ସେମାନେ ବିଭିନ୍ନ ରୋଗରେ ପୀଡ଼ିତ ଅଛନ୍ତି। ମୋର ବାପାମାଆଙ୍କର ଏକମାତ୍ର ପୁତ୍ର ହୋଇଥିବାରୁ, ତାଙ୍କର ଦେଖାଶୁଣା କରିବାକୁ କେହି ନାହାଁନ୍ତି, ମୋର ବଦଳି ହେଲେ ବାପା ମାଆଙ୍କ ସେବା କରିବାରୁ ବଞ୍ଚିତ ହେବି। ତୃତୀୟତଃ ମୋର ଦୁଇଝିଅ ସ୍ଥାନୀୟ ବିଦ୍ୟାଳୟରେ ପାଠ ପଢୁଛନ୍ତି। ଏଭଳି ମଧ୍ୟବର୍ତ୍ତୀକାଳୀନ ବଦଳି ସେମାନଙ୍କ ଶିକ୍ଷାଦାନ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରିବ। ଚତୁର୍ଥରେ ମୁଁ ଜଣେ ଉଚ୍ଚ ରକ୍ତଚାପ, ମଧୁମେହ ଓ ଆଜ୍‌ମା ଭଳି ଦୁରାରୋଗ୍ୟରେ ପିଡ଼ିତ ଥିବାରୁ ପ୍ରତିମାସରେ ସ୍ଥାନୀୟ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇଥାଏ। ମୋର ସ୍ତ୍ରୀ ମଧ୍ୟ ମୋତେ ସେବା ଶୁଶ୍ରୁଷା ଯୋଗାଇ ଥାଆନ୍ତି। ଏଭଳି ସ୍ଥିତିରେ ଯଦି ଘରଠାରୁ ଏତେ ଦୂରକୁ ମୋତେ ବଦଳି କରାଯାଏ, ତେବେ ମୁଁ ବହୁ ଅସୁବିଧାର ସମ୍ମୁଖୀନ ହେବି। ନା ନିଜେ ଚିକିତ୍ସା ପାଇପାରିବି ନା ପିତାମାତାଙ୍କ ଯତ୍ନ ନେଇପାରିବି। ସର୍ବୋପରି ମୋର ପିଲାମାନେ ପାଠ ପଢିବାରେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ନିଜର ବଦଳିକୁ ବାତିଲ କରିବା ପାଇଁ ବିଧାୟକଙ୍କୁ ଅନୁରୋଧ କରିଥିଲେ। ଶିକ୍ଷକ ଜଣକ ତାଙ୍କ ଦରଖାସ୍ତଟିରେ ବହୁ ମିଛ କଥା ଉଲ୍ଲେଖ କରିଥିବାର ମୋର ହୃଦ୍‌ବୋଧ ହେଲା। କାରଣ ସେହି ଶିକ୍ଷକଙ୍କୁ ମୁଁ ବହୁ ଆଗରୁ ଜାଣିଥିଲି। ସେ ଶିକ୍ଷକ ଜଣଙ୍କ ତାଙ୍କ ବାପାମାଆଙ୍କର ଏକମାତ୍ର ପୁତ୍ର ନଥିଲେ, ସେମାନେ ତିନିଭାଇ ଥିଲେ ଏବଂ ପିତାମାତାଙ୍କ ଭରଣପୋଷଣ ପାଇଁ ତିନିଭାଇଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି ହୋଇଥିଲା। ଯଦିଓ ଶିକ୍ଷକଙ୍କ ପିତାମାତା ବୃଦ୍ଧାବସ୍ଥାରେ ଉପନୀତ ହୋଇଥିଲେ, କିନ୍ତୁ ସେମାନଙ୍କୁ କୌଣସି ଗୁରୁତର ରୋଗ ହୋଇ ନ ଥିଲା କି ସେ ଶିକ୍ଷକଙ୍କୁ ମଧ୍ୟ କୌଣସି ରୋଗ ହୋଇ ନ ଥିଲା, ଯାହା ସେ ଦରଖାସ୍ତରେ ଭୁଲ୍ ତଥ୍ୟ ଦେଇଥିଲେ।



ସେହିପରି ଆଉ ଏକ ଘଟଣା ହେଲା, ଜାନୁୟାରୀ ମାସରେ ରାଜଧାନୀର ପ୍ରଦର୍ଶନୀ ପଡ଼ିଆରେ ଏକ ଉତ୍ସବ ଚାଲିଥିଲା। ରାହୁଲ ନାମକ ଜଣେ ଯୁବକ ସେହି ଉତ୍ସବକୁ ଯାଉଥିବା ବେଳେ ପ୍ରବଳ ଜନସମାଗମ ଯୋଗୁଁ ତାଙ୍କ ପର୍ସଟି ହଜିଯାଇଥିଲା ଏବଂ ତାଙ୍କ ପଛେ ପଛେ ପଡ଼ିଆ ଭିତରକୁ ଯାଉଥିବା ଜଣେ ସହୃଦୟ ବ୍ୟକ୍ତି ପର୍ସଟିକୁ ପାଇ ରାହୁଲଙ୍କୁ ଫେରାଇବା ପାଇଁ ପଛରୁ ଡ଼ାକୁଥିବା ବେଳେ, ଡାକବାଜି ଯନ୍ତ୍ର ବାଜୁଥିବାରୁ, ରାହୁଲ ତାଙ୍କ ଡାକ ଶୁଣି ନ ପାରି ପଡ଼ିଆ ଭିତରକୁ ଚାଲିଯାଇଥିଲେ। ଏହାପରେ ପର୍ସରେ ୬୦୦ ଟଙ୍କା ଥିବା ଦେଖି ପର୍ସଟିକୁ ରାହୁଲଙ୍କୁ ଫେରାଇବା ପାଇଁ ସେଠାରେ କିଛି ସମୟ ଅପେକ୍ଷା କରିଥିଲେ। ଏହାର କିଛି ସମୟ ପରେ ରାହୁଲ ନିଜର ପର୍ସ ହଜିଥିବା ଜାଣି ଚିନ୍ତିତ ହୋଇପଡ଼ିଥିଲେ ଏବଂ ୬୦୦ ଟଙ୍କା ବଦଳରେ ୧୩,୯୦୦ ଟଙ୍କା ପର୍ସରେ ଥିଲା ବୋଲି କହି ପଡ଼ିଆ ଭିତରେ ଲୋକଙ୍କୁ ପଚାରୁଥିବା ସମୟରେ ଉକ୍ତ ସହୃଦୟ ବ୍ୟକ୍ତିଙ୍କ ସହିତ ରାହୁଲଙ୍କର ଭେଟ ହୋଇଥିଲା, ହେଲେ ରାହୁଲ ଜାଣି ନ ଥିଲେ ଯେ ଉକ୍ତ ବ୍ୟକ୍ତି ତାଙ୍କ ପର୍ସ ପାଇଛନ୍ତି ବୋଲି। ଯେତେବେଳେ ରାହୁଲ ଉକ୍ତ ବ୍ୟକ୍ତିଙ୍କୁ ପର୍ସ ହଜିଥିବା ବିଷୟରେ ପଚାରିଥିଲେ ଏବଂ ପର୍ସରେ ୧୩,୯୦୦ ଟଙ୍କା ଥିଲା ବୋଲି କହିଥିଲେ, ଉକ୍ତ ବ୍ୟକ୍ତିଜଣଙ୍କ ପର୍ସଟି ପାଇଛନ୍ତି ବୋଲି ସ୍ୱୀକାର କରିଥିଲେ ଏବଂ ପର୍ସରେ ୬୦୦ ଟଙ୍କା ଥିବା ରାହୁଲଙ୍କୁ କହିଥିଲେ। ହେଲେ ରାହୁଲ ପୁନର୍ବାର କହିଥିଲେ ଯେ ତାଙ୍କ ପର୍ସରେ ୧୩,୯୦୦ ଟଙ୍କା ଥିଲା। ସଠିକ୍ କଥା ନ କହିବାରୁ ଉକ୍ତ ବ୍ୟକ୍ତି ରାହୁଲଙ୍କୁ ପର୍ସଟି ନଫେରାଇ, ପଡ଼ିଆରେ ଚାଲିଥିବା ଉତ୍ସବ କମିଟିର ସଦସ୍ୟଙ୍କ ଜିମା ଦେଇଥିଲେ। ହୁଏତ ସତ କହିଥିଲେ ଉକ୍ତ ବ୍ୟକ୍ତି ରାହୁଲଙ୍କୁ ପର୍ସଟି ଫେରାଇ ଦେଇଥା'ନ୍ତେ। ବିଚରା ରାହୁଲ ମିଛ କହିଥିବାରୁ ୬୦୦ ଟଙ୍କା ହରାଇଥିଲେ।

ସେହିପରି କନ୍ଧମାଳ ଜିଲ୍ଲାର ୧୮ ମାସର ଜନୈକ ଶିଶୁପୁତ୍ର ସ୍ପାଇନାଲ୍ ମସ୍କୁଲାର ଆଟ୍ରୋଫି ଟାଇପ୍-୨ ଭଳି ଏକ ବିରଳ ରୋଗରେ ପୀଡ଼ିତ ଥିଲେ ଓ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଏହି ବିରଳ ରୋଗର ଚିକିତ୍ସା ପାଇଁ ୧୬ କୋଟି ଟଙ୍କାର ଆବଶ୍ୟକତା ପଡ଼ିବାରୁ ତା'ର ବାପା ମା' ସମୂହ ଦାନ ଓ ପାଣ୍ଠି ସଂଗ୍ରହ ପାଇଁ 'ଗୁଗୁଲ୍ ପେ' ଓ 'ଫୋନ୍ ପେ'ରେ ଅର୍ଥ ପଇଠ କରିବାକୁ ସୋସିଆଲ ମିଡ଼ିଆରେ ନିବେଦନ କରିଥିଲେ। ତାଙ୍କର ଏପରି ଦୁଃଖଦ ସମୟରେ ବହୁ ବଦାନ୍ୟ ଓ ସହୃଦୟ ବ୍ୟକ୍ତି ସହଯୋଗର ହାତ ବଢାଇଥିଲେ। ପରେ ଜଣାପଡ଼ିଥିଲା ଶିଶୁଟିର ବାପା ମା' ୬ କୋଟି ୪ ଲକ୍ଷ ଟଙ୍କା ଆଦାୟ କରିସାରିଥିଲେ। ହେଲେ ହଠାତ୍ ଏହି ଘଟଣାର ମୋଡ଼ ବଦଳି ଯାଇଥିଲା ଯେତେବେଳେ କୋମଳମତି ଶିଶୁ ପାଇଁ ସମବେଦନା ସାଙ୍ଗକୁ ଅପପ୍ରଚାର ବଢି ବଢି ଚାଲିଥିଲା। ଟଙ୍କା ଆଦାୟର ଉପଯୋଗ, ପାଣ୍ଠି ସଂଗ୍ରହରେ ଅନ୍ୟମାନଙ୍କ ଭୂମିକାକୁ ନେଇ ସୋସିଆଲ ମିଡ଼ିଆରେ ଅନେକ ପ୍ରଶ୍ନ ଘୂରିବୁଲିଥିଲା। ଏହା ଟଙ୍କା ଆଦାୟ କରିବାର ଏକ ଚକ୍ରାନ୍ତ ଓ ଏଥିପାଇଁ ଏକ ର୍ୟାକେଟ କାମ କରୁଛନ୍ତି ବୋଲି ଶୁଣିବାକୁ ମିଳିଥିଲା। ଓଡ଼ିଶାରେ ଏସ୍.ସି.ବି., ଶିଶୁଭବନ ଓ ଭୁବନେଶ୍ୱର ବୃହତ୍ ସରକାରୀ ଡାକ୍ତରଖାନା ଥିଲେ ମଧ୍ୟ ଶିଶୁଟିକୁ ଫୁଲବାଣୀ ଡ଼ାକ୍ତରଖାନାରୁ ଆସାମ ଓ ପରେ ବାଙ୍ଗାଲୁରକୁ ନିଆଯିବା ଘଟଣାକୁ ଆହୁରି ରହସ୍ୟମୟ କରିଥିଲା।

ଏହିଭଳି ଅଭିନବ ଉପାୟରେ ସୋସିଆଲ ମିଡ଼ିଆରେ କିଛି ର୍ୟାକେଟ ସକ୍ରିୟ ରହି କୋଟି କୋଟି ଟଙ୍କା ଅର୍ଥ ଆଦାୟ କରୁଛନ୍ତି ଓ ସାଧାରଣ ଜନତା ଏମାନଙ୍କ କଥାରେ ତରଳି ଯାଇ ସେମାନଙ୍କୁ ମୁକ୍ତହସ୍ତରେ ଅର୍ଥ ପ୍ରଦାନ କରି ଚାଲିଛନ୍ତି। ଦିନେ ସମୟ ଆସିବ ଜଣେ ଗରିବ ଓ ଅସହାୟ ବ୍ୟକ୍ତିଙ୍କ କୋମଳମତି ଶିଶୁର ଚିକିତ୍ସା ପାଇଁ ଯଦି ଅର୍ଥ ବାଧକ ସାଜେ ଏବଂ ସେମାନଙ୍କ ପିତାମାତାମାନେ ଯେତେ ଆକୁଳ ନିବେଦନ କଲେ ବି, କୌଣସି ବ୍ୟକ୍ତି ସହଯୋଗର ହାତ ବଢାଇବା ପାଇଁ ଆଗେଇ ଆସିବେ ନାହିଁ। ଶେଷରେ ନିରୀହ କୋମଳମତି ଶିଶୁଟିର ମୃତ୍ୟୁ ହିଁ ସୁନିଶ୍ଚିତ, ଏଥିରେ କୌଣସି ସନ୍ଦେହ ନାହିଁ। ଗୋଟିଏ ଶିଶୁ ପାଇଁ ଶହ ଶହ ଶିଶୁଙ୍କର ଜୀବନ ବଳି ପଡ଼ିବ। ଏହିସବୁ ବିଷୟକୁ ଅନୁଧ୍ୟାନ କଲେ, ଗୋଟିଏ ସତକୁ ଲୁଚାଇବାକୁ ଯାଇ ହଜାର ମିଛର ଆଶ୍ରୟ ନିଆଯାଉଛି। ମିଛ ପାଇଁ ସତ ବଳି ପଡୁଛି ଓ ସତ'ର ମାନ କମି କମି ଯାଉଛି। 'ସତ କହିବାକୁ କିଆଁ ଡ଼ରିବି, ସତ କହି ପଛେ ମଲେ ମରିବି' ଆଜି ଅଲୋଡ଼ା ହୋଇ ଯାଇଛି।

-କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର, ମୋ: ୮୩୨୮୮୪୦୨୧୪

# ବାଲେଶ୍ୱର ଷଷ୍ଠ ଜିଲ୍ଲା ପରିଷଦର ତୃତୀୟ ବୈଠକ




ବାଲେଶ୍ୱର (ପିଏନ୍): ବାଲେଶ୍ୱର ଜିଲ୍ଲା ଷଷ୍ଠ ଜିଲ୍ଲା ପରିଷଦର ତୃତୀୟ ବୈଠକ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ମାନନୀୟ ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ରାଷ୍ଟ୍ରମନ୍ତ୍ରୀ(ସ୍ୱାଧୀନ), ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ ଓଡିଶା ସରକାର ଶ୍ରୀ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ଭୋଗରାଇ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଅନନ୍ତ ଦାସ, ମାନ୍ୟବର ବାଲେଶ୍ୱର ଲୋକସଭା ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ମାନ୍ୟବର ଭଦ୍ରକ ଲୋକସଭା ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ମାନ୍ୟବର ସିମୁଳିଆ ବିଧାୟକ ଶ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନ୍ୟବର ବସ୍ତା ବିଧାୟକ ଶ୍ରୀ ନିତ୍ୟାନନ୍ଦ ସାହୁ, ମାନ୍ୟବର ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା, ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ସିନ୍ଦେ, ଜିଲ୍ଲା ପରିଷଦ ଉପସଭାପତି ଶ୍ରୀମତୀ ଅନୂସୟା ପ୍ରଧାନ, ମାନ୍ୟବର ସୋର ବିଧାୟକଙ୍କ ପ୍ରତିନିଧି ଶ୍ରୀ ଅଜୟ କୁମାର ପଣ୍ଡା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀ ଦୀପ୍ତିରଞ୍ଜନ ସେଠୀଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟା, ବ୍ଲକ ଅଧ୍ୟକ୍ଷ/ଅଧ୍ୟକ୍ଷା ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗ ଉପରେ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ବୈଠକ ପ୍ରାରମ୍ଭରେ ମଂଚାସୀନ ମାନ୍ୟବର ମନ୍ତ୍ରୀ, ସାଂସଦ ବିଧାୟକ ଓ ଅତିଥିମାନଙ୍କୁ ଫୁଲତୋଡା ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିବା ବେଳେ ସେମାନେ ଏହି ଅବସରରେ ଜିଲ୍ଲାର ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ପ୍ରସ୍ତାବ ରଖିବା ସହିତ ମୂଲ୍ୟବାନ୍ ପରାମର୍ଶ ପ୍ରଦାନ କରିଥିଲେ । ଏହା ପରେ ପୂର୍ବ ବୈଠକର ବିବରଣୀ ସମ୍ବନ୍ଧରେ ସମ୍ୟକ ସୂଚନା ଦିଆଯିବା ସହିତ ଏଜେଣ୍ଡାୱାରୀ ଆଲୋଚନା କରାଯାଇଥିଲା । ପ୍ରାରମ୍ଭରେ ଶିକ୍ଷା ବିଭାଗ ସମ୍ବନ୍ଧୀୟ ଆଲୋଚନା କରାଯାଇଥିବା ବେଳେ ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲାର ବିଦ୍ୟାଳୟ ଓ ଶିକ୍ଷକମାନଙ୍କ ସ୍ଥିତି ସମ୍ପର୍କରେ ତଥ୍ୟ ରଖିଥିଲେ । ୫-ଟି ଉପକ୍ରମରେ ରୂପାନ୍ତରିତ ହୋଇଥିବା ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟଗୁଡିକରେ ଖାଲିଥିବା ଶିକ୍ଷକ ପଦଗୁଡିକ ତୁରନ୍ତ ପୂରଣ କରିବା ପାଇଁ ଗୃହରେ ସଦସ୍ୟମାନେ ମତ ରଖିଥିଲେ । ବିଦ୍ୟାଳୟଗୁଡିକରେ ଶୈକ୍ଷିକ ପରିବେଶ, ଭିତିଭୂମି ନିର୍ମାଣ ଓ ଶିକ୍ଷକ-କର୍ମଚାରୀ ନିଯୁକ୍ତିରେ ଆବଶ୍ୟକୀୟ ପଦକ୍ଷେପ ନିଆଯାଉ ନଥିବା ଉପସ୍ଥିତ ସଭ୍ୟ-ସଭ୍ୟାମାନେ ପ୍ରକାଶ କରିଥିଲେ । ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦେଉଥିବା ବେଳେ ବାସ୍ତବ କ୍ଷେତ୍ରରେ ତାହା କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବାରୁ ଏ ଦିଗରେ ପଦକ୍ଷେପ ନେବା ପାଇଁ ସେମାନେ ଗୁରୁତ୍ୱାରୋପ କରିଥିଲେ । ସେହିପରି ସ୍ୱାସ୍ଥ୍ୟ ବିଭାଗ ସମ୍ପର୍କିତ ଆଲୋଚନାରେ ବିଶେଷଜ୍ଞ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଅଭାବ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହା ସ୍ୱାସ୍ଥ୍ୟସେବାକୁ ପ୍ରଭାବିତ କରୁଥିବାରୁ ଏ ଦିଗରେ ବିଶେଷ ବ୍ୟବସ୍ଥା କରିବାକୁ ସଦସ୍ୟ-ସଦସ୍ୟାମାନେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଶ୍ରୀ ସିନ୍ଧେ ବିଭାଗୀୟ ଅଧିକାରୀମାନଙ୍କୁ ଏସବୁର ସମାଧାନ ପାଇଁ ବିହିତ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ସମ୍ପ୍ରତି ଚାଲିଥିବା ବିଭିନ୍ନ ପ୍ରକଳ୍ପ କାମଗୁଡ଼ିକୁ କିଭଳି ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସେହିପରି ରାସ୍ତା ମରାମତି କାମ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ପ୍ରାଧାନ୍ୟ ଦିଆଯିବା ଏବଂ ନୂତନ ପ୍ରକଳ୍ପ କାମ ଆରମ୍ଭ ପାଇଁ ଗୃହରେ ଆଲୋଚନା ହୋଇଥିଲା । ଏଥିସହିତ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟସବୁ ସମ୍ପର୍କରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା । ବାଲେଶ୍ୱର ଉତର ଓଡିଶାରେ ପ୍ରମୁଖ ସହର ହୋଇଥିବା ବେଳେ ଏଠାରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ସ୍ଥାପନ ପାଇଁ ଉଦ୍ୟମ ଆରମ୍ଭ କରିବାକୁ ବୈଠକରେ ନିଷ୍ପତି ହୋଇଥିଲା । ବୈଠକ ଶେଷରେ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀମତୀ ଅନୂସୟା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## —ଇଡି କାର୍ଯ୍ୟାଳୟ ଘେରିଲା ଯୁବ କଂଗ୍ରେସ—

# ଗଣତାନ୍ତ୍ରିକ ରାଷ୍ଟ୍ରରେ ଅସହିଷ୍ଣୁ ମୋଦି ସରକାର

ଭୁବନେଶ୍ୱର (ପିଏନ୍): ଭାରତୀୟ ସମ୍ବିଧାନ ଓ ବିଧି ବ୍ୟବସ୍ଥାକୁ ମୋଦି ସରକାର ପାଦରେ ଦଳି ମକଚି ଚାଲିଛନ୍ତି। ଭାରତ ଭଳି ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ରରେ ସ୍ୱେଚ୍ଛାଚାରୀ, ପ୍ରତିହିଂସାପରାୟଣ ଓ ଅସହିଷ୍ଣୁ ଶାସନ ଚଳାଇ ଦେଶବାସୀଙ୍କୁ ଏକ ଭୟଙ୍କର ବିପଦ ଆଡକୁ ଟାଣିନେଉଛନ୍ତି। ଦେଶର ଗୋଟିଏ ପରେ ଗୋଟିଏ ସ୍ୱାଧୀନ ଓ ନିରପେକ୍ଷ ସଂସ୍ଥାକୁ ନିଜ ଅଧୀନକୁ ନେଇ ମୋଦି ସରକାର ଏହାର ଦୁରୁପଯୋଗ କରୁଛନ୍ତି। ଭାରତୀୟ ଜାତୀୟ କଂଗ୍ରେସ ଏକ ଆଦର୍ଶ। ଏହି ଆଦର୍ଶକୁ ଆଜି ମଧ୍ୟ ତୃଣମୂଳ ସ୍ତରରେ ବହୁ ବରିଷ୍ଠ ନାଗରିକ ଜାବୁଡ଼ି ଧରିଛନ୍ତି। ଦେଶର ଶିକ୍ଷିତ ଯୁବପିଢ଼ି ଓ ବୁଦ୍ଧିଜୀବୀମାନେ କଂଗ୍ରେସର ନୀତି ଓ ଏହାର ନେତା ପୂର୍ବତନ ଏଆଇସିସି ସଭାପତି ରାହୁଲ ଗାନ୍ଧିଙ୍କ ଉପରେ ଦୃଢ଼ ଆସ୍ଥା ରଖିଛନ୍ତି। ଏହା ଦେଖି ମୋଦି ସରକାର ଅସହିଷ୍ଣୁ ହୋଇପଡ଼ିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଦୁରୁପଯୋଗ କରି ବିନା କାରଣରେ ରାହୁଲ ଗାନ୍ଧିଙ୍କ ସମ୍ମାନହାନୀ କରିବାକୁ ଅପଚେଷ୍ଟା ଚଳାଇଛନ୍ତି। ବାସ୍ତବରେ ଯେଉଁ ନ୍ୟାସନାଲ ହେରାଲ୍ଡ ଆର୍ଥିକ ହେରଫେର କଥା କୁହାଯାଉଛି, ତାହା ସମ୍ପୂର୍ଣ୍ଣ ଭିତ୍ତିହୀନ। ଏଥିନେଇ ଏଆଇସିସି କାର୍ଯ୍ୟକାରୀ ଅଧକ୍ଷା ସୋନିଆ ଗାନ୍ଧି ଓ ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧି ପୂର୍ବରୁ ବହୁବାର ସ୍ପଷ୍ଟୋକ୍ତି ଦେଇସାରିଛନ୍ତି। ଏହାସତ୍ତ୍ୱେ ମୋଦି ସରକାର ହୀନ ରାଜନୈତିକ ଉଦ୍ଦେଶ୍ୟ ରଖି କଂଗ୍ରେସକୁ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଏଥିରେ ସେ ସଫଳ ହେବେ ନାହିଁ ବୋଲି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କା କହିଛନ୍ତି। ଦେଶର ସାମ୍ବିଧାନିକ ସଂସ୍ଥା ଇଡିକୁ ନିଜ ଦଳର ଏଜେଣ୍ଟ ଭାବେ ବ୍ୟବହାର କରି ମୋଦି ସରକାର କଂଗ୍ରେସକୁ ଅପମାନିତ କରିବାକୁ ଯେଉଁ ଅପଚେଷ୍ଟା ଚଳାଇଛନ୍ତି ଓ ଅଗ୍ନିପଥ ଭଳି ଏକ ଲକ୍ଷ୍ୟହୀନ ଯୋଜନା ଆଣି ଦେଶର ଯୁବପିଢ଼ିଙ୍କ ଭବିଷ୍ୟତକୁ ଯେଉଳି ଭାବେ ଅନ୍ଧାରକୁ ଠେଲିଦେବାକୁ ଅପଚେଷ୍ଟା କରୁଛନ୍ତି ତାହାର ପ୍ରତିବାଦରେ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରସ୍ଥିତ ଇଡି କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏହି ଅବସରରେ ଡ. ଲେଙ୍କା କହିଛନ୍ତି, ୨୦୧୪ ମସିହାଠାରୁ ଯେଉଳି ଭାବେ ବିଜେଡି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକ୍ରୋଶମୂଳକ ଭାବେ ଗାନ୍ଧି ପରିବାର ବିରୋଧରେ ମିଛ ଓ ମନଗଢ଼ା ତଥ୍ୟ ଦେଇ ଇଡି, ସିବିଆଇ ଆଦି ସାମ୍ବିଧାନିକ ସଂସ୍ଥାକୁ ରାଜନୈତିକ ଦଳର ଏଜେଂଟ ଭାବେ ଉପଯୋଗ କରୁଛନ୍ତି, ତାହା ଗଣତନ୍ତ୍ରରେ ହୀନମନ୍ୟତାକୁ ଦର୍ଶାଉଛି। ବିଜେପି ନେତା ଅମିତ ଶାହାଙ୍କ ପୁଅ ଜୟନ୍ତ ଶାହ ୫୦ ହଜାର ଟଙ୍କାରୁ ୮୦ ହଜାର କୋଟି ଟଙ୍କା ଆୟ କରିବା ପଛରେ ବଡ଼ ଧରଣର ଆର୍ଥିକ ଘୋଟାଲା ରହିଥିଲେ ମଧ୍ୟ ଏହାର କୌଣସି ତଦନ୍ତ କରାଯାଉନାହିଁ। ଖାଲି ସେତିକି ନୁହେଁ, ବହୁ ବିଜେପି ନେତା ଓ ମନ୍ତ୍ରୀମାନେ ଅନେକ ଆର୍ଥିକ ହେରଫେର ଓ ଦୁର୍ନୀତିରେ ଜଡ଼ିତ ଥିବା ବେଳେ ସେମାନଙ୍କୁ କେବେ ସିବିଆଇ ଓ ଇଡି ଜେରା କରିବ ବୋଲି ଡ. ଲେଙ୍କା ପ୍ରଶ୍ନ କରିଛନ୍ତି। ଏଥିସହ ଅଗ୍ନିପଥ ଯୋଜନା ଆଣି ଦେଶର ଯୁବପିଢ଼ିଙ୍କ ଭବିଷ୍ୟତ ସହ ମୋଦି ସରକାର ଯେଉଁ ଖେଳ ଖେଳୁଛନ୍ତି ତାହାକୁ ସେ ନିନ୍ଦା କରିଛନ୍ତି। ଏହି ଅବସରରେ ଶତାଧିକ ଯୁବ କଂଗ୍ରେସ କର୍ମୀ ସିଆରପି ଛକରୁ ଇଡି କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ଯାଇଥିଲେ। ସେମାନେ ନିଜକୁ ମୁଁ ରାହୁଲ ଗାନ୍ଧିର ପରିଚୟ ଦେଇ ରାହୁଲ ଗାନ୍ଧିଙ୍କ ପ୍ରତି ନୈତିକ ଆସ୍ଥା ଓ ବିଶ୍ୱାସ ପ୍ରତିପାଦନ କରିଥିଲେ। ଏଥିସହ ମୋଦି ସରକାରଙ୍କ ସ୍ୱେଚ୍ଛାଚାରୀ ଓ ଅସହିଷ୍ଣୁ ଶାସନ ବିରୋଧରେ ବହୁ ସ୍ଲୋଗାନ ଦେଇ ନାରାବାଜୀ କରିଥିଲେ। ଏହି ସମୟରେ ପୁଲିସ ସହ ଯୁବ କଂଗ୍ରେସ କର୍ମୀମାନଙ୍କ ଧସ୍ତାଧସ୍ତି ହୋଇଥିଲା। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନରଂଜନ ରାଉତ, ବୀରେନ କୁମାର ଦଳେଇ, ରଂଜିତ ପାତ୍ର, ସନ୍ତୋଷ ବେହେରା, ରାକେଶ ସାହୁ, ବିଶ୍ୱଜିତ ଲେଙ୍କା, ଆଶୁତୋଷ ଲେଙ୍କା, ରିତୁଲ ମହାରଣା, କହ୍ନେୟାଲାଲ ଶାବତ, ଅକ୍ଷୟ କୁମାର ମଲ୍ଲ, ସୁରଜ କୁମାର ରାଉତ, ଚର୍ଚ୍ଚିତ ମହାଲା ପ୍ରମୁଖ ସାମିଲ ହୋଇଥିଲେ।



# ଘନଘନ ବିଜୁଳି କାଟ ବନ୍ଦ, ଗରିବ ଓ ଚାଷୀଙ୍କୁ ମାଗଣା ବିଜୁଳି ଦାବି କଲା ଜିଲ୍ଲା କଂଗ୍ରେସ

ବ୍ରହ୍ମପୁର (ପିଏନ୍): ପାୱାର କଟ୍ ବନ୍ଦ କରିବା, ଲୋ-ଭୋଲଟେଜ୍ ସମସ୍ୟାର ତୁରନ୍ତ ସମାଧାନ, ଓଡ଼ିଆରେ ବିଜୁଳି ବିଲ୍ ପ୍ରଦାନ କରିବା, ଗରିବ ଓ ଚାଷୀଙ୍କୁ ମାଗଣା ବିଜୁଳି, ବିଜୁଳି ସରବରାହ ଜନିତ କ୍ଷତି କମାଇବା ଓ ବିଜୁଳି ଭିତ୍ତି ବିକାଶରେ ଖର୍ଚ୍ଚ ହୋଇଥିବା ୨୦ ହଜାର କୋଟି ଟଙ୍କା ଦୁର୍ନୀତିର ବିଚାର ବିଭାଗୀୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ନୂଆ। ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ମୁଖପାତ୍ର ରବି ରଥ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ବଳକା ରାଜ୍ୟ ଭାବେ ଓଡ଼ିଶା ପରିଚିତ। ଅନ୍ୟ ରାଜ୍ୟମାନଙ୍କୁ ବିଜୁଳି ବିତରଣ ହେଉଛି। କିନ୍ତୁ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସୁବିଧା ଥାଇ ମଧ୍ୟ ଓଡ଼ିଶାର ପ୍ରାୟ ୯୫ ଲକ୍ଷ ଉପଭୋକ୍ତା ଦୈନନ୍ଦିନ ବିଜୁଳି ବିଭ୍ରାଟରେ ହନ୍ତସନ୍ତ ହେଉଛନ୍ତି । ଆଜିକୁ ୨୭ ବର୍ଷ ତଳେ ଏହି ସଂସ୍କାର ଯେତେବେଳେ ଆରମ୍ଭ ହେଲା ସରକାର ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଶସ୍ତା ଓ ସୁଲଭ ମୂଲ୍ୟରେ ନିରବଚ୍ଛିନ୍ନ ଗୁଣାତ୍ମକ ବିଜୁଳି ସେବା ରାଜ୍ୟବାସୀଙ୍କୁ ଯୋଗାଇ ଦିଆଯିବ। କିନ୍ତୁ ଦୁଃଖର କଥା ନା ବିଜୁଳି ସେବା ଓଡ଼ିଶାରେ ଶସ୍ତା ଓ ସୁଲଭ ମିଳିପାରୁଛି, ନା ଏହା ନିରବଚ୍ଛିନ୍ନ ଗୁଣାତ୍ମକ ହୋଇପାରିଛି ? ପଡ଼ୋଶୀ ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା, ତାମିଲନାଡୁ ଭଳି ରାଜ୍ୟରେ ବିଜୁଳି ଶସ୍ତାରେ ମିଳୁଥିଲା ବେଳେ ବିଜୁଳି ଉତ୍ପାଦକ ରାଜ୍ୟ ଭାବରେ ପରିଗଣିତ ଓଡ଼ିଶାରେ ବିଜୁଳି ବଳକା ହୋଇଥିଲା ବେଳେ ଏହା ଅତ୍ୟନ୍ତ ମହଙ୍ଗା ହୋଇଛି । ଆମଠାରୁ କୋଇଲା କିଣି ବିଜୁଳି ଉତ୍ପାଦନ କରୁଥିବା ଦିଲ୍ଲୀ ଓ ପଞ୍ଜାବ ସାଧାରଣ ଲୋକଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି ଦେଉଥିଲା ବେଳେ ଆମେ କିନ୍ତୁ ଆମ ଚାଷୀଙ୍କୁ ଆଜିଯାଏଁ ମାଗଣା ବିଜୁଳି ଦେଇପାରିଲୁ ନାହିଁ। ତେଣୁ ଓଡ଼ିଶାର ୯୨ ଲକ୍ଷ ବିଜୁଳି ଉପଭୋକ୍ତା ବିଜୁଳି କମ୍ପାନୀମାନଙ୍କର ଅପାରଗତା ଦୁର୍ନୀତି ଓ ଭ୍ରଷ୍ଟାଚାର ଯୋଗୁଁ ଏବଂ ପରିଚାଳନାଗତ ତ୍ରୁଟି ପାଇଁ ପ୍ରତିବର୍ଷ ବିଦ୍ୟୁତ ଶୁଳ୍କ ବୃଦ୍ଧିର ବୋଝ ବୋହୁଛନ୍ତି । ଆଜି ବି ଓଡ଼ିଶାରେ ସରବରାହ ଜନିତ କ୍ଷତି ୨୯ ଶତାଂଶ । ଗୋଟିଏ ଶତାଂଶ ସରବରାହ ଜନିତ କ୍ଷତି ଆମେ ଯଦି କମ୍ କରିପାରିବା ତାହାହେଲେ ବାର୍ଷିକ ୧୫୩ କୋଟି ଟଙ୍କାର ରାଜସ୍ୱ ସଞ୍ଚୟ ହୋଇପାରିବ। ଅର୍ଥାତ୍ ୨୯ ପ୍ରତିଶତ କ୍ଷତି ଯୋଗୁଁ ଆମେ ହାରାହାରି ବାର୍ଷିକ ୪ହଜାର ୨୦୦ କୋଟି ଟଙ୍କାର ବିଦ୍ୟୁତ ଶୁଳ୍କ ବୋଝ ମୁଣ୍ଡାଇ ଚାଲିଛୁ। ବିଜୁଳି ଭିତ୍ତିଭୂମିର ବିକାଶ ପାଇଁ ବିଗତ ୨୭ ବର୍ଷ ଭିତରେ ୨୦ ହଜାର କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ବି ରାଜ୍ୟବାସୀ ଗୁଣାତ୍ମକ ବିଜୁଳି ସେବା ପାଇପାରୁନାହାନ୍ତି। ଟାଟା କମ୍ପାନୀ ଏହି ଦାୟିତ୍ୱ ନେବା ପରେ ପୂର୍ବରୁ ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ପ୍ରାୟ ୩ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। ଏଥିପାଇଁ ବହୁବାର ଆନ୍ଦୋଳନ ହୋଇଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ଆପଣ ଏ ଦିଗରେ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବେ ବୋଲି ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦାବି କରାଯାଇଛି।

## ଜନ୍ମଶତବାର୍ଷିକୀ ଅବସରରେ ସାଥୀ ପ୍ରସନ୍ନ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍)– ଓଡ଼ିଶାର ବିଶିଷ୍ଟ ଜନନେତା, ପୂର୍ବତନ ବିଧାୟକ, ରାଜ୍ୟ ଏଆଇଟିୟୁସିର ପୂର୍ବତନ ସଭାପତି, ଭାରତରେ ବିସ୍ଥାପନ ଆନ୍ଦୋଳନର ପ୍ରବାଦ ପୁରୁଷ ସାଥୀ ପ୍ରସନ୍ନ କୁମାର ପଣ୍ଡାଙ୍କ ଜନ୍ମଶତବାର୍ଷିକୀରେ ସିପିଆଇ ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ଜାତୀୟ କାର୍ଯ୍ୟକାରୀ କମିଟି ସଭ୍ୟ ରାମକୃଷ୍ଣ ପଣ୍ଡା, ରାଜ୍ୟ ସହସମ୍ପାଦକ କ୍ଷିରୋଦ ସିଂହଦେଓ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସୁର ଜେନା, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଶିଶୁ ଶ୍ରମ ନିରାକରଣ ପାଇଁ ସଚେତନତା ରାଲି



ବାଲେଶ୍ୱର (ପିଏନ୍)- ଶିଶୁ ଶ୍ରମ ନିରାକରଣ ପାଇଁ ବାଲେଶ୍ୱର ସହରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ସକାଳ ପ୍ରାୟ ୮ଘଟିକା ସମୟରେ ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଏହି ରାଲି ବାହାରି ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରାଯାଇଥିଲା । କାର୍ଯ୍ୟ କ୍ଷେତ୍ରରେ ଶିଶୁ ଶ୍ରମିକ ନିୟୋଜନ ଏକ ଧର୍ତବ୍ୟ ଅପରାଧ ହୋଇଥିବା ବେଳେ ଏଥି ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ଏବଂ ଶିଶୁମାନଙ୍କ ଶିକ୍ଷା ଓ ଅନ୍ୟ ଅଧିକାର ସମ୍ପର୍କରେ ସହରବାସୀଙ୍କୁ ଏହି ରାଲି ମାଧ୍ୟମରେ ସଚେତନ କରାଯାଇଥିଲା । ଓଡିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ରାଲିରେ ନେହେରୁ ଯୁବ କେନ୍ଦ୍ର, ସ୍ୱେଚ୍ଛାସେବୀ ଅନୁଷ୍ଠାନ "ମୁଁ ତୁମର ସାଥୀ"ର ସଦସ୍ୟ-ସଦସ୍ୟାଙ୍କ ସମେତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ, ଶ୍ରମିକ ସଙ୍ଗଠନ ଓ ସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତା ମାନେ ଅଂଶଗ୍ରହଣ କରିଥିଲେ । ସହର ପରିକ୍ରମା ସମୟରେ ସେମାନେ ବିଭିନ୍ନ ସ୍ଲୋଗାନ ଓ ପ୍ଲାକାର୍ଡ ମାଧ୍ୟମରେ ଶିଶୁ ଶ୍ରମ ନିରାକରଣ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ । ଏହି ଅବସରରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ଅଜୟ କୁମାର ପ୍ରଧାନ, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବୃନ୍ଦାବନ ସେଠୀ, ସହକାରୀ ଶ୍ରମ ଅଧିକାରୀ ଶ୍ରୀ ସଞ୍ଜୟ କୁମାର ପ୍ରଧାନ, ବିଏଡିସି ରାଜ୍ୟ ଆବାହକ ଶ୍ରୀ ଗୋପାଳ କୃଷ୍ଣ କର, ଏଆଇଟିୟୁସି ରାଜ୍ୟ ଉପସଭାପତି ଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟମାନଙ୍କ ସମେତ ଅନ୍ୟାନ୍ୟ ଅନୁଷ୍ଠାନ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଜୀ-ସାର୍ଥକର ଏକ ଅଭିନବ ପ୍ରୟାସ: ନାଲି ବିନ୍ଦୁ ଅଭିଯାନ




ଖୋର୍ଦ୍ଧା (ପିଏନ୍)- ଓଡ଼ିଶାରେ ମହିଳାଙ୍କ ଋତୁସ୍ରାବ ସମ୍ପର୍କିତ ସଚେତନତା ସୃଷ୍ଟି କରିବାକୁ ଅଭିନବ ଢଙ୍ଗରେ ଅଭିଯାନ ଆରମ୍ଭ କରିଛି ଜୀ-ସାର୍ଥକ। ଏହି ଅଭିଯାନର ନାଁ ରହିଛି ନାଲି ବିନ୍ଦୁ ଅଭିଯାନ। ଯାହା ଏବେ ଓଡ଼ିଶାର ଘରେ ଘରେ ପହଁଚି ଯାଇଛି। ମହିଳାଙ୍କ ମଧ୍ୟରେ ସର୍ବାଧିକ ସଚେତନତା ସୃଷ୍ଟି କରିବା ସହ ଏ ନେଇ ଶିକ୍ଷାଦାନ ଯୋଗାଇବା ଲକ୍ଷ୍ୟରେ ନାଲି ବିନ୍ଦୁ ଭିଜୁଆଲ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ଓଡ଼ିଶାର ଗଣପର୍ବ ରଜ ପର୍ବ ମଧ୍ୟ ଏହାକୁ ପ୍ରତିନିଧିତ୍ୱ କରୁଥିବାରୁ ରଜପର୍ବଠାରୁ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକ ନାଲି ବିନ୍ଦୁ କ୍ୟାମ୍ପେନ ଲୋକଙ୍କ ପାଖରେ ପହଂଚିବା ଆରମ୍ଭ ହୋଇଛି। ମାସିକ ଋତୁସ୍ରାବ କାରଣରୁ ଅଧିକାଂଶ କିଶୋରୀ ପାଠପଢାରୁ ବଂଚିତ ହୁଅନ୍ତି। ମାସକୁ ଅନ୍ୟୂନ ୫ଦିନ କିଶୋରୀମାନେ ସ୍କୁଲ ଯାଇପାରୁ ନ ଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୁଏ। ଫଳରେ ଲକ୍ଷ ଲକ୍ଷ ଛାତ୍ରୀ ମାନସିକଭାବେ ମଧ୍ୟ କ୍ଷତିଗ୍ରସ୍ତ ହୁଅନ୍ତି। ଗ୍ରାମାଂଚଳରେ ଏହି ହାର ଅଧିକ ରହିଥିବା ବେଳେ ସାନିଟାରୀ ନାପ୍‌କିନ୍ ବ୍ୟବହାର ଦିଗରେ ମଧ୍ୟ ସଚେତନ କରିବାର ଆବଶ୍ୟକତା ରହିଛି। ରଜପର୍ବରେ ଧରଣୀରାଣୀ ରଜସ୍ୱଳା ହେଉଥିବା ବିଶ୍ୱାସ ରହିଥିବା ବେଳେ ଏହି ପର୍ବରେ ଏଭଳି ମହାନ ଅଭିଯାନ ଆରମ୍ଭ କରି ଜୀ-ସାର୍ଥକ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରୁଛି। କେବଳ ସେତିକି ନୁହେଁ ନାଲି ବିନ୍ଦୁ ସ୍ଲୋଗାନ ସହ କିଶୋରୀମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ଆହ୍ୱାନ ଦେଇଛି ଜୀ-ସାର୍ଥକ। ଜୀ-ସାର୍ଥକର ଏହି ଅଭିନବ ଅଭିଯାନ ସମ୍ପର୍କରେ ଚ୍ୟାନେଲର ଚିଫ୍ ଅଫିସର ପ୍ରତୀକ ସିଲ୍ କୁହନ୍ତି ଓଡ଼ିଶାରେ ମହିଳାମାନଙ୍କୁ ଋତୁସ୍ରାବ ସମ୍ପର୍କରେ ସଚେତନ କରିବାକୁ ଏଭଳି ଏକ ଅଭିଯାନ ଆମେ ଆରମ୍ଭ କରିଛୁ। ଏହାଦ୍ୱାରା ସଚେତନତା ବଢିବା ସହ ଲୋକମାନଙ୍କ ସହ ଯୋଗାଯୋଗ ବୃଦ୍ଧି ହୋଇପାରିବ। ସେହିଭଳି ଆମେ ସମସ୍ତେ ଚାହିଁଲେ ପ୍ରତିମାସରେ ଛାତ୍ରୀମାନଙ୍କୁ ୫ଦିନ ସ୍କୁଲ ବନ୍ଦ କରିବାରୁ ରୋକାଯାଇପାରିବ। ଏ ଦିଗରେ ଆମ ସମସ୍ତଙ୍କୁ ଗୁରୁତ୍ୱ ଦେବାକୁ ପଡ଼ିବ। ଜୀ-ସାର୍ଥକ ଏନେଇ ନାଲି ବିନ୍ଦୁ ଅଭିଯାନ ଆରମ୍ଭ କରିଛି, ଯେଉଁଥିରେ ସାଧାରଣ ଲୋକେ ସହଯୋଗ କରିବେ ବୋଲି ଆମେ ଆଶା କରୁଛୁ।




# କେନ୍ଦୁଝରର ସହରରେ ପାନୀୟଜଳ ପାଇପ ବିଛାରେ ବ୍ୟାପକ ଦୁର୍ନୀତି, ଭିଜିଲାନ୍ସ ତଦନ୍ତ ଦାବୀ କଲା ବିଜେପି




କେନ୍ଦୁଝର (ପିଏନ୍): କେନ୍ଦୁଝର ସହରରେ ପାନୀୟ ଜଳ ଯୋଗାଣ ପାଇଁ ବିଛାଯାଇଥିବା ପାଇପ ପକାଇବାରେ ବ୍ୟାପକ ଦୁର୍ନୀତି ହୋଇଥିବା ସହ ଲକ୍ଷାଧିକ ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ କରିଛି ବିଜେପି। ବିଭାଗ ପକ୍ଷରୁ ପାଣି ପାଇପ ବିଛା କାମ ପାଇଁ ଟେଣ୍ଡର ଆହ୍ୱାନ କରାନଯାଇ ଗୁପ୍ତ ଟେଣ୍ଡର କରାଯାଇ କାମ ବାଣ୍ଟି ଦିଆଯାଇଛି। କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ କେନ୍ଦୁଝରଗଡ ପୌରପାଳିକା ଅଧକ୍ଷା ନିକୁ ସାହୁ, ଏସଟି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମିତା ନାୟକ, ବିଜେପି କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ଚନ୍ଦ୍ର ସୂତ୍ରଧର,ଜିଲ୍ଲା ବିଜେପି ସମ୍ପାଦକ ଶିବ କୁମାର ରାଠୋର,ଜିଲ୍ଲା ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସବିର ଦାଶ,ବରିଷ୍ଠ ବିଜେପି ନେତା ସତ୍ୟବ୍ରତ ନାୟକ ପ୍ରମୁଖ ଭିଜିଲାନ୍ସ ଡିଏସପି ଦୈତାରୀ ଘଡେଇ ଙ୍କୁ ଭେଟି ଏହାର ତଦ' ଦାବୀ କରିଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୭ଟି ଗୁପ୍ତ ଟେଣ୍ଡର କରାଯାଇ କିଛି ଠିକାଦାରଙ୍କୁ ମିଟର ପିଛା ୨୦୦ ଟଙ୍କା ଅଧିକ ପଇଠ କରାଯାଇଛି। ଘଟଣାରୁ ପ୍ରକାଶ ଯେ, କେନ୍ଦୁଝରର ସହରର ବିଭିନ୍ନ ୱାର୍ଡରେ ଘରକୁ ଘର ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ରାସ୍ତା ଖୋଳି ପାଇପ ବିଛାଇବା ପାଇଁ ସରକାରୀ ଅର୍ଥ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ବିଭାଗ ବା ପିଏଚଇଡିକୁ ଆସିଥିବାବେଳେ ଏଥିପାଇଁ ଲାଗିଥିବା ପାଇପକୁ ସରକାରୀ ଭାବେ କିଣାଯାଇ କେବଳ ବିଛାଇବା ପାଇଁ ଛୋଟ ଛୋଟ ଟେଣ୍ଡର କରାଯାଇଥିଲା,ଯେଉଁ ଟେଣ୍ଡର ଅନଲାଇନ ମାଧ୍ୟମରେ ବା ଇ-ଟେଣ୍ଡର ମାଧ୍ୟମରେ କରା ନ ଯାଇ ନିଜର ଠିକାଦାରଙ୍କୁ କାମ ଦେବା ପାଇଁ ଅଫିସ କାର୍ଯ୍ୟାଳୟର ଟେଣ୍ଡର କରାଯାଇ ସମ୍ପାଦିତ କରାଯାଇଥିଲା। ତେବେ ଏହି ୧୦୦ଏମଏମ ଗୋଳେଇ ଥିବା ଏଚଡିପିଇ ପାଇପ ବିଛାଇବା ସକାଶେ ପ୍ରତି ମିଟରର ଦର ୧୩୫ଟଙ୍କା ୭୦ ପଇସା ଥିବାବେଳେ କେବଳ ଗୋଟିଏ ବିଲରେ ଏହି ଦର ପ୍ରଦାନ କରାଯାଇ ଅନ୍ୟ ସମସ୍ତ ବିଲରେ ୩୩୬ଟଙ୍କା ୪୦ ପଇସା ପ୍ରଦାନ କରାଯାଇଛି। ପ୍ରାୟ ୭ରୁ ଉର୍ଦ୍ଧ ବିଲରେ ଏହି ବର୍ଦ୍ଧିତ ଦର ପ୍ରଦାନ କରାଯାଇଥିବାବେଳେ ଆଶ୍ଚର୍ଯ୍ୟଜନକ ଭାବେ ଏହି ବିଲ ଗୁଡିକ ପାଖାପାଖି ତାରିଖରେ ପ୍ରଦାନ କରାଯାଇଛି। ବରଂ ପରବ୍ତୀ ତାରିଖରେ କାର୍ଯ୍ୟାଦେଶ ପାଇଥିବା ଠିକାଦାରଙ୍କ ବିଲରେ କମ ପରିମାଣ ଦିଆଯାଇଥିବାବେଳେ ପୁରୁଣା ତାରିଖରେ ୱାର୍କଅର୍ଡର ପାଇଥିବା ଠିକାଦାରମାନଙ୍କୁ ଅଧିକ ତିନିଗୁଣା ଦରରେ ବିଲ ପ୍ରଦାନ କରାଯାଇଛି। ଏହି ଏଚଡିପିଇ ପାଇପ କେନ୍ଦୁଝର ଶ୍ରୀ ଅରବିନ୍ଦ ବିଦ୍ୟାଳୟ ନିକଟରେ ଥିବା ପିଏଚଇଡି କାର୍ଯ୍ୟାଳୟରୁ ପରିବହନ, ଗାତଖୋଳା, ପାଇପ ଲଗାଇବା ପାଇଁ ଏହି ଦର ପ୍ରଦାନ କରାଯାଇଛି। ସାତସିଙ୍ଗା ସରସ୍ୱତୀ ଶିଶୁମନ୍ଦିର ନିକଟ, କମାରଗୋଡା ହୁଡି ସାହି, ବଣିଆପାଟ ମୁଣ୍ଡା ସାହି, ଏଗ୍ରିକଲଚର କଲୋନୀ, ଏଲଆଇସି କଲୋନୀ, ବିଗ ବଜାର ନିକଟରେ ଥିବା ଗଳିରେ ଏହି କାର୍ଯ୍ୟରେ ୩୩୬ଟଙ୍କା ୪୦ ପଇସା ପ୍ରତି ମିଟର ପାଇଁ ପ୍ରଦାନ କରାଯାଇଛି। ପାଇପ ବିଛାଇବା ପାଇଁ ଶ୍ରମିକ ମଜୁରୀ ବାବଦରେ ଜଣେ ଠିକାଦାର ରାଜେନ୍ଦ୍ର ନାରାୟଣ ସେଠୀ ଙ୍କୁ ମିଟର ପ୍ରତି ୧୩୫ ଟଙ୍କା ୭୦ ପଇସା ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଠିକାଦାର ବିପିନ ରାଉତ ଏବଂ ଅଖେଶଜି ଜେନାଙ୍କୁ ୩୩୬ ଟଙ୍କା ୪୦ ପଇସା ପ୍ରଦାନ କରାଯାଇଛି। ସମାନ କାମକୁ ୨୦୦ ଟଙ୍କା ଅଧିକ ପଇଠ କରାଯାଇଥିବାରୁ ଏହି କାମରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଛି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହର ପାଇଁ ସମସ୍ତ ବିଭାଗୀୟ କାର୍ଯ୍ୟ ଟେଣ୍ଡରର ଗୋଟିଏ ମୂଲ୍ୟ ରହିଥିବାବେଳେ ଏହି ତାରତମ୍ୟ ନିର୍ଦ୍ଦିଷ୍ଟ କିଛି ଲକ୍ଷ୍ୟ ରଖି କରାଯାଇଥିବା ଜଣାପଡିଛି। ଅସାଧୁ ଯନ୍ତ୍ରୀଙ୍କ ହାତ ଚିକ୍କଣ କରିବା ଉଦ୍ଦେଶ୍ୟରେ ଏପରି କରାଯାଇଛି ବୋଲି ବିଜେପି ଅଭିଯୋଗ କରିଛି। କେନ୍ଦୁଝରଗଡ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ୩୭୦୦ ମିଟର ପକାଯାଇ ବିଲ କରାଯାଇଥିବା ବେଳେ ବାସ୍ତବରେ ସେତିକି ମିଟର ପଡିଛି କି ନାହିଁ ତାହା ମଧ ତଦନ୍ତ ଦାବୀ କରାଯାଇଛି।

# ନାରୀଶିକ୍ଷା ଉପରେ ଗୁରୁତ୍ୱ ଦେଉଥିଲେ ପାରଳା ମହାରାଜା




ଭୁବନେଶ୍ୱର (ପିଏନ୍): ନବ ଓଡିଶାର ବିନ୍ଧାଣୀ, ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର, ଆମ ରାଜ୍ୟର ପ୍ରଥମ ପ୍ରଧାନମନ୍ତ୍ରୀ ତଥା ଉତ୍କଳ ସମ୍ମିଳନୀର ପୂର୍ବତନ ସଭାପତି ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧ ଦିବସ ଅବସରରେ ଗତକାଲି ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲିପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ଉପଦେଷ୍ଟା ଡ. ଦ୍ୱାରୀକାନାଥ ମହାନ୍ତି ମାଲ୍ୟାର୍ପଣ କରି କହିଥିଲେ ଯେ, ପାରଳା ମହାରାଜା ସେ ସମୟରୁ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି, ଯୁଗ୍ମ-ସଂପାଦକ ସିଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ପ୍ରସନ୍ନ ରଥ, ସମରଂଜନ ମହାନ୍ତି, ରାମଚନ୍ଦ୍ର ସାମଲ ଓ ରମେଶ ଚନ୍ଦ୍ର ପାତାଳ ସିଂହ ପ୍ରମୁଖ ମାଲ୍ୟାର୍ପଣ କରି ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଶେଷରେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଡ. ଦ୍ୱାରୀକାନାଥ ମହାନ୍ତିଙ୍କୁ କୃଷ୍ଣଚନ୍ଦ୍ର ଗଜପତି ସମ୍ମାନରେ ସମ୍ମାନିତ କରିଥିଲେ।

## ପ୍ରଗତି କ୍ଲବ ପକ୍ଷରୁ ହଟକେଶ୍ୱର ମନ୍ଦିର ପରିସର ସଫେଇ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅଟ୍ରୀସ୍ଥିତ ଶ୍ରୀ ଶ୍ରୀ ଏକାଦଶ ରୁଦ୍ର ହଟକେଶ୍ୱର ମନ୍ଦିର ପରିସରକୁ ସ୍ଥାନୀୟ ତଳସାହିର ପ୍ରଗତି କ୍ଲବ ପକ୍ଷରୁ ସଫେଇ କରାଯାଇଥିଲା। ସୂଚନା ଥାଉକି ହଟକେଶ୍ୱର ଦେବଙ୍କ ଚନ୍ଦନ ଯାତ୍ରା ସମୟରେ ଚାପ ଖେଳ ଦେଖିବା ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ଏହି ସମୟରେ ପ୍ରସାଦ ସେବନର ବ୍ୟବସ୍ଥାରେ ବ୍ୟବହାର ହୋଇଥିବା ବିଭିନ୍ନ ପରିତ୍ୟକ୍ତ ଦ୍ରବ୍ୟ ଯଥା: ଖଲିପତ୍ର, ନଡିଆ କତା,କଦଳୀ ଚୋପା, ଦୀପ, ପଲିଥିନ ସମେତ ଦ୍ରବ୍ୟଗୁଡିକ ଏଣେତେଣେ ପଡି ପରିବେଶ ଅପରିଷ୍କାର ହୋଇଥିଲା। ଏଗୁଡିକୁ ପରିଷ୍କାର କରିଥିବାରୁ ସ୍ଥାନୀୟ କ୍ଲବର ସଦସ୍ୟଙ୍କୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବର୍ଷିଆନ ମାର୍କ୍ସବାଦୀ ନେତା ଶିବାଜୀ ପଟ୍ଟନାୟକଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ଭୁବନେଶ୍ୱର (ପିଏନ୍): ବର୍ଷିଆନ୍ କମ୍ୟୁନିଷ୍ଟ ନେତା, ଓଡିଶାରେ ସି.ପି.ଆଇ.(ଏମ୍)ର ଭଗିରଥ, ମାର୍କ୍ସବାଦୀ ଦାର୍ଶନିକ ଓ ତତ୍ତ୍ୱବିତ୍ ଶ୍ରୀ ଶିବାଜୀ ପଟ୍ଟନାୟକଙ୍କର ୯୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି। ଶ୍ରୀ ପଟ୍ଟନାୟକଙ୍କ ଜୀବନ ଥିଲା ସଂଘର୍ଷପୂର୍ଣ୍ଣ। ଛାତ୍ର ଅବସ୍ଥାରେ ଛାତ୍ର ଫେଡେରେସନ୍‌ରେ ଯୋଗ ଦେଇ ଟ୍ୟୁସନ୍ ଫିସ୍ ବୃଦ୍ଧି ବିରୋଧୀ ଆନ୍ଦୋଳନ ଏବଂ ରାଜ୍ୟ ପୁନର୍ଗଠନ ଆନ୍ଦୋଳନରେ ଯୋଗଦେଇ ନିଜର ସଂଗଠନିକ ପାରଦର୍ଶିତା ପ୍ରମାଣିତ କରିଥିଲେ। ପରେ ମାତ୍ର ୧୭ ବର୍ଷ ବୟସରେ ଅବିଭକ୍ତ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟତା ଲାଭ କରିଥିଲେ। ଏଥିସହ କୃଷକ ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ମଧ ଦେଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ। ପରେ ସେ ଓଡିଶାରେ ଶ୍ରମିକମାନଙ୍କୁ ସଂଗଠିତ କରିବା ପାଇଁ ବିଭିନ୍ନ ସ୍ଥାନରେ ସଂଗଠନମାନ ଗଠନ କରିଥିଲେ। ଦେଶର ଅନ୍ୟତମ ଶକ୍ତିଶାଳୀ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ "ସି.ଆଇ.ଟି.ୟୁ" ର ସେ ଥିଲେ ପ୍ରଥମ ସଭାପତି ଏବଂ ପାଖାପାଖି ଦେଢ ଦଶନ୍ଧି ଧରି ଏହି ପଦବୀରେ ରହିଥିଲେ। ୧୯୬୪ ମସିହାରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ଗଠନ ପରେ ଓଡିଶାରେ ଏହାର ପ୍ରସାର ପାଇଁ କାର୍ଯ୍ୟ କରିଥିଲେ। ୧୯୭୨ରୁ ୧୯୯୦ ମସିହା ପର୍ଯ୍ୟନ୍ତ ରାଜ୍ୟ କମିଟିର ସମ୍ପାଦକ, ୧୯୭୮ ରୁ ୧୯୮୯ ପର୍ଯ୍ୟନ୍ତ କେନ୍ଦ୍ର କମିଟିର ସଦସ୍ୟ ରହିଥିଲେ। ଜଣେ ଲୋକପ୍ରିୟ ନେତା ଭାବେ ଭୁବନେଶ୍ୱର ନିର୍ବାଚନମଣ୍ଡଳୀରୁ ୩ ଥର ଲୋକସଭାକୁ ନିର୍ବାଚିତ ହୋଇ ଶ୍ରମଜିବୀ ଜନଗଣ ବିଶେଷ କରି ଓଡିଶାର ସ୍ୱାର୍ଥ ସମ୍ବଳିତ ସମସ୍ୟା ଗୁଡିକୁ ତୋଳି ଧରିଥିଲେ। ମାର୍କ୍ସବାଦୀ ସାହିତ୍ୟ ଉପରେ ତାଙ୍କର ଅଗାଧ ଜ୍ଞାନ ଥିଲା। ପାର୍ଟିର ମୁଖପତ୍ର 'ସାମ୍ୟବାଦୀ' ର ସମ୍ପାଦକ ଦାୟିତ୍ୱ ଅତ୍ୟନ୍ତ ଦକ୍ଷତାର ସହ ତୁଲାଇଥିଲେ। ନିୟମିତ ତାଙ୍କର ଲେଖନୀରୁ ଉପାଦେୟ ଲେଖାମାନ ପ୍ରକାଶ ପାଉଥିଲା। ରାଜ୍ୟରେ ବନ୍ୟା, ବାତ୍ୟା, ମରୁଡି ଭଳି ପ୍ରାକୃତିକ ଦୁର୍ବିପାକ ବେଳେ ବିପନ୍ନ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ଅଭାବ ଅସୁବିଧା ଦୂର କରିବାକୁ ଚେଷ୍ଟା କରୁଥିଲେ। ଏହିଭଳି ଜଣେ ବର୍ଷିଆନ ଜନନାୟକଙ୍କ ଦେହାବସାନ ଓଡିଶା ପାଇଁ ଏକ ଗଭୀର ଶୂନ୍ୟସ୍ଥାନ ପୂରଣ କଲା। ସେ ଥିଲେ ଅଜାତ ଶତ୍ରୁ। ତାହା ହିଁ ପ୍ରମାଣିତ ହେଲା ତାଙ୍କର ମରଶରୀର ଆଜି ପାର୍ଟିର ରାଜ୍ୟ ଦପ୍ତରରେ ପହଞ୍ଚିବା ପରେ। ରାଜନୈତିକ ମତ ଭିନ୍ନତା ସତ୍ତ୍ୱେ ସମସ୍ତ ଦଳର ନେତୃବୃନ୍ଦ ତାଙ୍କର ଶେଷ ଦର୍ଶନ ପାଇଁ ମଇ ୨୪ ତାରିଖରେ ସି.ପି.ଆଇ.(ଏମ୍) ରାଜ୍ୟ ଦପ୍ତରରେ ପହଞ୍ଚିଥିଲେ। ଦଳ ମତ ନିର୍ବିଶେଷରେ ରାଜ୍ୟର ତୁଙ୍ଗ ରାଜନୈତିକ ନେତୃବୃନ୍ଦ ଏବଂ ବୁଦ୍ଧିଜୀବୀବର୍ଗ ଶିବାଜୀ ବାବୁଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧା ନିବେଦନ କରିଥିଲେ। ନିଜର ଜୀବଦଶା ମଧ୍ୟରେ ଜନଗଣଙ୍କର ସେବାରେ ନିୟୋଜିତ ରହିବା ପରେ ଡାକ୍ତରୀ ଛାତ୍ରଙ୍କ ଶିକ୍ଷା ଓ ଗବେଷଣା ପାଇଁ ତାଙ୍କର ପାର୍ଥିବ ଶରୀରକୁ ତାଙ୍କ ଇଚ୍ଛାକୁ ସମ୍ମାନ ଦେଇ ଦାନ କରାଯାଇଥିଲା ଏ.ଆଇ.ଆଇ.ଏମ୍.ଏସ୍. ଭୁବନେଶ୍ୱର ପ୍ରତିଷ୍ଠାନକୁ।

ସିପିଆଇ(ଏମ୍) ରାଜ୍ୟ ପରିସର ମଧ୍ୟରେ ଗତକାଲି ଅନୁଷ୍ଠିତ ଏହି ଶ୍ରଦ୍ଧା ନିବେଦନ କାର୍ଯ୍ୟକ୍ରମରେ ସିପିଆଇ(ଏମ୍) ପଲିଟିବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର, ସିପିଆଇ.(ଏମ୍) ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ସିପିଆଇ(ଏମ୍) ପ୍ରାକ୍ତନ ରାଜ୍ୟ ସମ୍ପାଦକ ଜନାର୍ଦ୍ଦନ ପତି, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସିପିଆଇ ଜାତୀୟ କାର୍ଯ୍ୟକାରୀ କମିଟି ସଦସ୍ୟ ଦିବାକର ନାୟକ, କଂଗ୍ରେସ ଦଳର ବରିଷ୍ଠ ନେତା ତଥା ପ୍ରାକ୍ତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ବିଜୁ ଜନତା ଦଳର ରାଜ୍ୟ ନେତା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ସିପିଆଇ(ଏମ୍-ଏଲ୍) ଲିବରେସନ୍ ରାଜ୍ୟର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ, ସିପିଆଇ(ଏମ୍-ଏଲ୍) ରାଜ୍ୟନେତା ଶ୍ରୀକାନ୍ତ ମହାନ୍ତି, ଆମ ଆଦମି ପାର୍ଟି ରାଜ୍ୟ ଆବାହକ ନିଶିକାନ୍ତ ମହାପାତ୍ର, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ରାଧାକାନ୍ତ ସେଠୀ, ଏସ.ୟୁ.ସି.ଆଇ. କମ୍ୟୁନିଷ୍ଟ ନେତ୍ରୀ ସ୍ୱୟଂପ୍ରଭା କର, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, କୃଷକ ନେତା ଲିଙ୍ଗରାଜ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ସମେତ ବହୁ ରାଜନେତା, ବୁଦ୍ଧିଜୀବୀ ଏବଂ ସଂଗ୍ରାମୀ ଜନସାଧାରଣ ଯୋଗ ଦେଇଥିଲେ।

# ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଆଇନଜୀବୀ ଦିବସ ପାଳିତ






କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘ ଆନୁକୂଲ୍ୟରେ ସଙ୍ଘ ସଭାଗୃହରେ ଆଇନଜୀବୀ ଦିବସ ତଥା ୧୭୪ତମ ମଧୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଜିଲ୍ଲା ଓକିଲ ସଙ୍ଘର ସଭାପତି ଧ୍ରୁବଚରଣ ଜେନା ସଭାପତିତ୍ୱ କରିଥିଲେ। ଏହି ସଭାରେ ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାଜଜ ଅଜୟ କୁମାର ପ୍ରଧାନ, ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଜଜ ବି. କେ. ଚିନାରା, ଅତିରିକ୍ତ ବରିଷ୍ଠ ସିଭିଲ ଜଜ ଶୋଭନ କାନୁନଗୋ ଓ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସଂଗୀତା ପାଣି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମଧୁବାବୁଙ୍କ ଜୀବନାଦର୍ଶ ଉପରେ ଆଇନଜୀବୀ ଭୀମସେନ ଭୂୟାଁ, ସରୋଜରାଜ ସିଂ, ପରୀକ୍ଷିତ ପାତ୍ର, ପ୍ରଭାତ ଅଧିକାରୀ, ଧିରେନ କୁମାର ସାହୁ, ଗୋକୁଳି ରଞ୍ଜନ ଦାସ, ବିଜୟ ପରିଡା, ଆଶୁତୋଷ ମହାନ୍ତି, ଆଶିଷ ସେନାପତି, ରମଣୀରଞ୍ଜନ ରାଉତରାୟ, ପ୍ରଦୀପ କୁମାର ଦାଶ, ନିତ୍ୟାନନ୍ଦ ସ୍ୱାଇଁ, ବଳଦେବ ପ୍ରସାଦ ସାମନ୍ତରାୟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭା ପ୍ରାରମ୍ଭରେ ଅତିଥିମାନେ ମଧୁବାବୁଙ୍କ ସମେତ ମହାତ୍ମାଗାନ୍ଧୀ, ଗୋପବନ୍ଧୁ ଦାସ ଓ ସୁବାଷ ବୋଷଙ୍କ ପ୍ରତିମୂ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲ୍ଲା ଓକିଲ ସଙ୍ଘ ପକ୍ଷରୁ ଜିଲ୍ଲାଜଜ ଶ୍ରୀ ବେହେରାଙ୍କୁ ମଧୁବାବୁଙ୍କ ପଗଡି ପିନ୍ଧାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାଜଜ ଶ୍ରୀ ବେହେରା ବୟୋଜ୍ୟେଷ୍ଠ ଆଇନଜୀବୀ ନୃସିଂହ ଚରଣ ମହାନ୍ତିଙ୍କୁ ଉ୍ରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଯୁବ ଆଇନଜୀବୀ ସରୋଜ କୁମାର ପରିଡାଙ୍କୁ ଅବସରପ୍ରାପ୍ତ ଜିଲ୍ଲାଜଜ ଜଗଦାନନ୍ଦ ପଣ୍ଡା ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଙ୍ଘର ଉପସଭାପତି ହାଡିବନ୍ଧୁ ସିଂ, ସହସମ୍ପାଦକ ଅସ୍ତରାଗ ତ୍ରିପାଠୀ, କୋଷାଧକ୍ଷ ରାଜୀବ ପାତ୍ର, ଲାଇବ୍ରେରୀଆନ ଚୈତନ୍ୟ ମଲିକ, କମିଟି ସଦସ୍ୟ ବିଚିତ୍ର କୁମାର ବେହେରା, ଅଞ୍ଜନା ମହାନ୍ତି ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଏହି ସଭାରେ ଆଇନଜୀବୀ ଅକ୍ଷୟ କୁମାର ନାଥ, ନେହେରୁ କୁମାର ସାହୁ, ଅରକ୍ଷିତ ସୁଆର, ସତ୍ୟ ପରିଡା, ଆଶିଷ କୁମାର ସାମଲ, ଲକ୍ଷ୍ମଣ ସାହୁ ପ୍ରମୁଖ ବହୁ ସଂଖ୍ୟାରେ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ଯାଜପୁର ସ୍ପୋର୍ଟସ କିକ୍ ବକ୍ସି ଆସୋସିଏସନ୍ ପକ୍ଷରୁ ଜଳଛତ୍ର



ଯାଜପୁର (ପିଏନ୍): ପ୍ରଚଣ୍ଡ ଖରା ଓ +୨ ପରୀକ୍ଷାକୁ ଦୃଷ୍ଟିରେ ରଖି ଯାଜପୁର ସ୍ପୋର୍ଟସ କିକ୍ ବକ୍ସି ଆସୋସିଏସନ୍ ଦ୍ୱାରା ଏନ୍‌ସି କଲେଜଠାରେ ଏକ ଜଳଛତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଥିଲା। ପରୀକ୍ଷାର୍ଥୀ ଓ ଅଭିଭାବକମାନେ ଉକ୍ତ ଜଳଛତ୍ରରେ ଘୋଳ ଦଳି ଓ ଥଣ୍ଡା ପାନୀୟ ଜଳ ଗ୍ରହଣ କରି ଆସୋସିଏସନ୍‌ର ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା ଓ ଶୁଭାଶିଷ ପ୍ରଦାନ କରିଛନ୍ତି। ଅନୁଷ୍ଠାନର ସଭାପତି ଭବପ୍ରସାଦ ଦାସ ଓ କାର୍ଯ୍ୟକାରୀ ସଭାପତି ପ୍ରଫେସର ବଟକୃଷ୍ଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଳଛତ୍ରକୁ ଆସୋସିଏସନ୍‌ର ସମ୍ପାଦକ ରଂଜନ କୁମାର ସୁତାର, ଜ୍ୟୋତିର୍ମୟ ନାଥଶର୍ମା, ଜିତେନ୍ଦ୍ର ମହାନ୍ତି, ରିତେନ୍ଦ୍ର ବିଶ୍ୱାଳ, କ୍ଷୀରୋଦ ହାତୀ, ସଂଜୀବ ଭଦ୍ର, ଅର୍ପିତା ନାୟକ ଓ ରଂଜୁଲତା ମିଶ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହା ପୂର୍ବରୁ ଆସୋସିଏସନ୍ ତରଫରୁ ସ୍ୱଚ୍ଛତା ଯାଜପୁର ଓ ସୁସ୍ଥ ଯାଜପୁର ଅଭିଯାନ ମାଧ୍ୟମରେ ଏନ୍‌ସି କଲେଜର ବାଣିଜ୍ୟ ବ୍ଲକରେ ସଫେଇ କାର୍ଯ୍ୟ ମଧ ହୋଇଯାଇଛି। ଏହି ସଫେଇ କାର୍ଯ୍ୟକ୍ରମକୁ ଛାତ୍ର ସମାଜ ଓ ଆଲୁମିନି ଆସୋସିଏସନ୍ ତରଫରୁ ପ୍ରଶଂସା ମଧ ମିଳିଥିଲା। ଆସୋସିଏସନ୍‌ର ସମ୍ପାଦକ ଶ୍ରୀଯୁକ୍ତ ସୁତାର କିକ୍ ବକ୍ସିଂ ଦ୍ୱାରା ଏକ ସୁସ୍ଥ ଓ ନିର୍ଭିକ ସମାଜ ଗଠନ ହିଁ ଆସୋସିଏସନ୍ ମୂଳ ଉଦ୍ଦେଶ୍ୟ ବୋଲି ପ୍ରକାଶ କରିଥିଲେ।

# କେନ୍ଦୁଝର ପ୍ରଥମ ଥର ଦେଖିବ କି ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ ?

କେନ୍ଦୁଝର (ପିଏନ୍): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଞ୍ଚମ ପାଳି ସରକାରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବାକୁ ଯାଉଛି ବୋଲି ସବୁଠି ଚର୍ଚ୍ଚା ଚାଲିଛି। ବଡବଡିଆ ନେତାଙ୍କଠାରୁ ଶୁଣିବାକୁ ମିଳୁଛି ଦାଗୀ ଓ ବୟସ୍କଙ୍କୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିବ ନାହିଁ ଏବଂ ଉପେକ୍ଷିତ ବର୍ଗଙ୍କୁ ମିଳିବ ଅଗ୍ରାଧିକାର। ଏହାକୁ ନେଇ କେନ୍ଦୁଝର ଜିଲ୍ଲା ରାଜନୀତି ମଧ ପଛରେ ନାହିଁ। ଏହି ସୂତ୍ରରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବା ଶୁଣିବା ପରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳର ଅନୁସୂଚିତ ଜାତି ବର୍ଗଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି। ସେମାନଙ୍କ କହିବା ଅନୁଯାୟୀ କେନ୍ଦୁଝର ଦେଖିଛି ସାଧାରଣ ବର୍ଗର ମନ୍ତ୍ରୀ ଓ ଅନୁସୂଚିତ ଜନଜାତିର ମନ୍ତ୍ରୀ; କିନ୍ତୁ କେବେ ଦେଖିନାହିଁ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ। ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ଯେ ପଞ୍ଚମ ପାଳିର ଦ୍ୱିତୀୟ ଇନିଂସରେ କେନ୍ଦୁଝରର ଜଣେ ଅନୁସୂଚିତ ଜାତି ବର୍ଗରୁ ମନ୍ତ୍ରୀ କରିବା ପାଇଁ। ତାଙ୍କ ମନୋବଳକୁ ସୁଦୃଢ କରିବା ସହ ସେମାନେ ସମାଜର ମୁଖ୍ୟସ୍ରୋତରୁ ଅଲଗା ନୁହନ୍ତି ବୋଲି ଓ ତାଙ୍କ ବର୍ଗକୁ ସମ୍ମାନ ଜଣାଇ ଦଳିତ ବର୍ଗରୁ ଏଥର ମନ୍ତ୍ରୀ ଜଣଙ୍କୁ କରିବା ପାଇଁ ବିନତି କରିଥିବା ଜଣାପଡିଛି। ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀର ପ୍ରାୟତଃ ୫ ଶହ ଅନୁସୂଚିତ ଜାତି ବର୍ଗର ଲୋକ ଏକ ଦରଖାସ୍ତରେ ଦସ୍ତଖତ କରି ଜଣେ ଅନୁସୂଚିତ ଜାତି ବର୍ଗର ମନ୍ତ୍ରୀ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି।

# ସିପିଆଇ(ଏମ) ଜିଲ୍ଲା କାର୍ଯ୍ୟାଳୟରେ ଆନ୍ତର୍ଜାତିକ ମଇ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍) : କେନ୍ଦ୍ରାପଡା ସହରର ଖଡିଅଙ୍ଗସ୍ଥିତ ସିପିଆଇ(ଏମ) ଜିଲ୍ଲା କାର୍ଯ୍ୟାଳୟରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୋଦି ସରକାର କର୍ପୋରେଟ ସପକ୍ଷରେ ଆଇନଗତ ପରିବ୍ନମାନ କରୁଛନ୍ତି। ୪୪ଟି ଶ୍ରମ ଆଇନ ପରିବ୍ନ କରି ଶ୍ରମିକ ବିରୋଧି ୪ଟି ଶ୍ରମ କୋର୍ଡରେ ପରିଣତ କରିଛନ୍ତି। ସେହିପରି ଚାଷୀମାନଙ୍କ ବିରୋଧରେ ଆଣିଥିବା ୩ଟି କଳା କୃଷି ଆଇନକୁ ବ୍ୟାପକ ଆନ୍ଦୋଳନ ଫଳରେ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଛନ୍ତି। ସମସ୍ତ ସରକାରୀ ଉଦ୍ୟୋଗକୁ ବିକ୍ରୀ ଚାଲିଛି। ବୀମା, ବ୍ୟାଙ୍କ, ପରିବହନ ସେବା, ବିମାନ ବନ୍ଦର, ଜଳପଥ ଓ ସ୍ଥଳପଥକୁ ବିକ୍ରୀ ଚାଲିଛି। ଦରଦାମରେ ନିୟନ୍ତ୍ରଣ ନାହିଁ। କରୋନା ମହାମାରୀରେ ଦେଶର ଆର୍ଥିକ ଅବସ୍ଥା ଭୁଷୁଡି ପଡିଥିଲା ବେଳେ ଆଦାନୀ ଓ ଆମ୍ବାନୀଙ୍କ ଶକ୍ତି ବୃଦ୍ଧି ହୋଇଛି। ଏହିଭଳି ପରିସ୍ଥିତିରେ ମଇ ଦିବସ ପାଳନ ଅବସରରେ ପାର୍ଟିର ପତାକା ଉ୍ୋଳନ କରିଥିଲେ ବରିଷ୍ଠ ନେତା ମାଧବ ଦାସ ଓ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ବରିଷ୍ଠ ନେତା ଜଗତଜୀବନ ଦାଶ। ମୁଖ୍ୟବକ୍ତା ଭାବେ ଜିଲ୍ଲା ସମ୍ପାଦକ ଗୟାଧର ଧଳ ବ୍ତ୍ତବ୍ୟ ରଖି କହିଲେ ଲାଲଝଣ୍ଡା ଶକ୍ତିଶାଳୀ ହେଲେ ହି ଦେଶକୁ ରକ୍ଷାକରାଯାଇ ପାରିବ। ଅନ୍ୟମାନଙ୍କ ମଧ୍ୟରେ ଓଡିଶା କନଷ୍ଟ୍ରକସନ ୱାର୍କର୍ସ ୟୁନିଅନର ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ମଲିକ, ନିରାକାର ସାହୁ, ମାନଭଞ୍ଜନ ଷଡଙ୍ଗୀ, ବିନୟ କୁମାର ମଲ୍ଲିକ, ମହେଶ୍ୱର ସାହୁ, ମୋହନ କୁମାର ସାହୁ ପ୍ରମୁଖ ସେମାନଙ୍କର ନିଜସ୍ୱ ବକ୍ତବ୍ୟ ରଖିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication




# ଧୂମପାନ ତ୍ୟାଗ କରି ଭୟଙ୍କର ଫୁସଫୁସ ରୋଗରୁ ଦୂରେଇ ରୁହନ୍ତୁ: କିମ୍ସ ବିଶେଷଜ୍ଞ

ଭୁବନେଶ୍ୱର,(ପି.ଏନ): ଯଦି ଆପଣ ନିୟମିତ ଧୂମପାନ କରନ୍ତି, ଆଜି ହିଁ ତ୍ୟାଗ କରନ୍ତୁ। ନଚେତ୍ କ୍ରୋନିକ୍ ଅବଷ୍ଟ୍ରକ୍ଟିଭ୍ ପଲମୋନାରି ରୋଗ (ସିଓପିଡି) ରୋଗ ଦ୍ୱାରା ଆକ୍ରାନ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ୮୦-୯୦ ପ୍ରତିଶତ ଲୋକ ଧୂମପାନ କାରଣରୁ ସିଓପିଡି ରୋଗ ଦ୍ୱାରା ଆକ୍ରାନ୍ତ ହେଉଥିବା କିମ୍ସ-ଭୁବନେଶ୍ୱରର ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ସାଧାରଣତଃ ଫୁସଫୁସରେ ସମସ୍ୟା ହେଲେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ ଓ ଏହାକୁ ସିଓପିଡି କୁହାଯାଏ। ଏହି ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ରୋଗୀଠାର ସାଧାରଣତଃ ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭବ, ଛାତିରେ ଯନ୍ତ୍ରଣା, ଓଜନ ହ୍ରାସ, ଗୋଡ଼ର ଫୁଲା ଆଦି ଲକ୍ଷଣ ପ୍ରକାଶ ପାଇଥାଏ। ଧୂମପାନ ତ୍ୟାଗ କଲେ ଏହି ରୋଗରୁ ଉପଶମ ମିଳିପାରିବ ବୋଲି କିମ୍ସ ପଲମୋନୋଲୋଜି ବିଭାଗର



ସହକାରୀ ପ୍ରଫେସର ଡା. ଶାଶ୍ୱତ ଶୁଭଙ୍କର କହିଛନ୍ତି। ଏହି ରୋଗ ସାଧାରଣତଃ ୪୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକଙ୍କଠାରେ ଦେଖା ଦେଇଥାଏ। ମହିଳାଙ୍କ ତୁଳନାରେ ପୁରୁଷଙ୍କଠାରେ ଅଧିକ ଦେଖାଦେଇଥାଏ। ବୟସ ବଢ଼ିବା ସହିତ ଏହାର ପ୍ରଭାବ ମଧ୍ୟ ବଢ଼ିଥାଏ। ନିକଟରେ ଅଧ୍ୟୟନରୁ ମିଳିଥିବା ତଥ୍ୟ ମୁତାବକ ଅନେକ ଦେଶରେ ଉଭୟ ମହିଳା ଏବଂ ପୁରୁଷଙ୍କ କ୍ଷେତ୍ରରେ ଏହାର ସମାନ ପ୍ରଭାବ ଦେଖିବାକୁ ମିଳିଥାଏ। ଭାରତରେ ୩୦ ବର୍ଷରୁ ଅଧିକ ବୟସର ଜନସଂଖ୍ୟା ମଧ୍ୟରେ (ସିଓପିଡି)ର ପ୍ରାଦୁର୍ଭାବ ୭ ପ୍ରତିଶତ ଥିଲା। ସକ୍ରିୟ ଏବଂ ନିଷ୍କ୍ରିୟ ଧୂମପାନ, ବାୟୋମାସ ଇନ୍ଧନ ଏକ୍ସପୋଜର ବଢୁଥିବା ଧୂଆଁ ଧୂଳି ଏବଂ ପ୍ରଦୂଷଣ କାରଣରୁ ଏହାର ବିପଦ ଆହୁରି ବୃଦ୍ଧି ପାଇବାରେ ଲାଗିଛି। ସିଓପିଡିର ମୁଖ୍ୟ କାରଣ ଧୂମପାନ ବୋଲି ଡା. ଶୁଭଙ୍କର କହିଛନ୍ତି। ସିଓପିଡିର ନିରାକରଣ ଉପଯୁକ୍ତ ଶାରୀରିକ ପରୀକ୍ଷଣ ଏବଂ ଏକ ସ୍ପିରୋମେଟ୍ରି ଉପରେ ଆଧାରିତ ଓ ଆବଶ୍ୟକ ସ୍ଥଳେ ଏକ୍ସ-ରେ ମଧ୍ୟ କରାଯାଇଥାଏ ବୋଲି ରେସ୍ପିରେଟୋରୀ ମେଡିସିନ୍ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଅମୃତ କୁମାର ମହାପାତ୍ର କହିଛନ୍ତି।

# ଅଲ୍ ଇଣ୍ଡିଆ ହୋ ଲାଙ୍ଗୁଏଜ୍ ଆକ୍ସନ କମିଟିର ଗଣଧାରଣା

ଭୁବନେଶ୍ୱର,(ପି.ଏନ):ବିଧାନସଭା ସମ୍ମୁଖସ୍ଥ ଲୋୟର ପି.ଏମ୍.ଜି. ଠାରେ ସର୍ବଭାରତୀୟ 'ହୋ' ଭାଷା କ୍ରିୟାନୁଷ୍ଠାନ କମିଟି ଓ ଓଡ଼ିଶା ରାଜ୍ୟ କମିଟି ତରଫରୁ ଏକ ବିଶାଳ ସମାବେଶ ଗଣଧାରଣା ଅନୁଷ୍ଠିତ ହୋଇଥିଲା । 'ହୋ' ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦେବାପାଇଁ ଗତ ୧୬ ତାରିଖରୁ ଓଡ଼ିଶାର ୪ଟି ସ୍ଥାନରୁ 'ହୋ' ଭାଷା ସୁରକ୍ଷା ଅଭିଯାନର ବାଇକ୍ ରାଲି ଭୁବନେଶ୍ୱରରେ ପହଂଚି 'ହୋ' ଭାଷା ସମ୍ମିଳନୀ ଯୋଗ ଦେଇଛି । ଏହି ଅଭିଯାନର ନାମ 'ବିଟାନାବୁ ଭୁବନେଶ୍ୱର' ରଖାଯାଇଛି । ଏହି ଅଭିଯାନରେ ୪ଟି ସ୍ଥାନରୁ ଆସିଥିବା ୪ଟି ବାହିନୀ ଗୁଡ଼ିକ ହେଲା - (୧) 'ମାଣ୍ଡୋ ସର୍ଦ୍ଦାର ବାହିନୀ' ଯାହା ବାଙ୍ଗିରିପୋଷିରୁ ବାହାରି ଭାୟା-ବାରିପଦା, ଉଦଳା ଓ ନୀଳଗିରି ଦେଇ ଭୁବନେଶ୍ୱର (୨) 'ରଘୁବୀର କନଣ୍ଡାକେଲ୍ ବାହିନୀ' ଯାହା ବହଳଦା ଠାରୁ ଯଶିପୁର, ଠାକୁରମୁଣ୍ଡା, ଆନନ୍ଦପୁର, ପାଣିକୋଇଲି ଦେଇ ଭୁବନେଶ୍ୱର (୩) 'ପୋଟୋ ହୋ ବାହିନୀ' ଯାହା ବୋଲାଣିରୁ ବାହାରି କେଉଁଝର, ତେଲକୋଇ, ହରିଚନ୍ଦନପୁର, ଯାଜପୁର, ଚଣ୍ଡିଖୋଲ୍ ରାସ୍ତା ଦେଇ ଭୁବନେଶ୍ୱର ଓ (୪) 'ଲାକ ବୋଦ୍ରା ବାହିନୀ' ଯାହା ବଣାଇରୁ ବାହାରି ବାରକୋଟ, ପାଲଲହଡ଼ା, କାମାକ୍ଷାନଗର, ଢେଙ୍କାନାଳ, ମଙ୍ଗୁଳି ଦେଇ ଭୁବନେଶ୍ୱରରେ ପହଂଚିଥିଲେ ଏବଂ ଏହି ଅଭିଯାନର ସମାପନ ଲୋୟର ପିଏମ୍‌ଜିଠାରେ ବିଶାଳ ସମାବେଶ ଭାବେ ଅନୁଷ୍ଠିତ ହୋଇଛି ବୋଲି କହିଛନ୍ତି, 'ହୋ' ଭାଷା କ୍ରିୟରାନୁଷ୍ଠାନ କମିଟିର ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦ୍ରମୋହନ ମୁଣ୍ଡୁରି । 'ହୋ ଭାଷାକୁ ଓଡ଼ିଶା ସରକାର ଦ୍ୱିତୀୟ ରାଜଭାଷାର ମାନ୍ୟତା ଦେବା ସହ ଯେଉଁ ଅଂଚଳରେ ୮୦% 'ହୋ' ଭାଷାଭାଷୀ ସମ୍ପ୍ରଦାୟର ଲୋକ ଅଛନ୍ତି, ସେହି ଅ ଳରେ ଥିବା ସ୍କୁଲ୍ ମାନଙ୍କରେ ପିଲାମାନଙ୍କୁ ପାଠ ପଢାଇବା ପାଇଁ 'ହୋ' ଭାଷା ଶିକ୍ଷକ ନିଯୁକ୍ତି ଦିଆଯାଉ ବୋଲି ଦାବି କରିଛନ୍ତି ସମ୍ପାଦକ ଶ୍ରୀ ମୁଣ୍ଡୁରୀ । ଆମକୁ ଭାଷା ଭିତିକ ଶିକ୍ଷକ ଦରକାର, ଆମ ଭାଷାରେ ଦୂରଦର୍ଶନରେ ଓ ଅଲ୍ ଇଣ୍ଡିଆ ରେଡିଓରେ କାର୍ଯ୍ୟକ୍ରମ ଓ ପ୍ରଚାର ପ୍ରସାର ହେବା ଦରକାର । ସରକାର ଯଦି ଆମ ଦାବି ନ ଶୁଣନ୍ତି, ତେବେ ଆମେ ରାଜରାସ୍ତାରେ ଆନ୍ଦୋଳନ କରିବୁ ବୋଲି କହିଛନ୍ତି 'ହୋ' ଭାଷା କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସଭାପତି ବସନ୍ତ ବୁଲିଉଲି । ଆମେ ୭୫ବର୍ଷ ହେଲା ସ୍ୱାଧୀନତା ପାଇବା ପରେ ମଧ୍ୟ ସରକାର ସମ୍ବିଧାନ ଅନୁସାରେ ଭାଷା ଭିତିକ ଶିକ୍ଷକ ଦେଇପାରିଲା ନାହିଁ। ଅପରପକ୍ଷେ ଅଙ୍ଗନଓ୍ୱାଡିରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଆମ 'ହୋ' ଭାଷାରେ ଆମର ପାଠ ପଢିବାର ଅଧିକାର ଅଛି । ତେଣୁ ଆମକୁ ଭାଷାଭିତିକ ଶିକ୍ଷକ ଦିଆଯାଉ ଓ ଆମ ଭାଷାରେ ୫୦୦ ଶିକ୍ଷକ ନିଯୁକ୍ତି ଦିଆଯାଉ । ଆମ ପଡ଼ୋଶୀ ଝାଡଖଣ୍ଡ ଓ ଛତିଶଗଡ଼ ସରକାର ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ଭାବେ ମାନ୍ୟତା ଦେଇଥିବା ବେଳେ ଓଡ଼ିଶା ସରକାର ମଧ୍ୟ ଆମ ଭାଷାକୁ ମାନ୍ୟତା ଦିଅନ୍ତୁ ଏବଂ ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ହୋ' ଭାଷାକୁ ସରକାରୀ ଭାଷା ଭାବେ କେନ୍ଦ୍ର ଅନୁମୋଦନ କରିବା ପାଇଁ ଚିଠି ଲେଖିଥିଲା ବେଳେ ରାଜ୍ୟ ସରକାର ଆଜି ପର୍ଯ୍ୟନ୍ତ କାହିଁକି ରାଜଭାଷାର ମାନ୍ୟତା ଦେଇନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି ଯଶିପୁରର ମାନ୍ୟବର ବିଧାୟକ ଗଣେଶ ରାମସିଂହ ଖୁଂଟିଆ । ଆମ ଭାଷାର ୧୫ଲକ୍ଷରୁ ଅଧିକ ଲୋକ ଓଡ଼ିଶାର ୧୨ଟି ଜିଲ୍ଲାରେ ବସବାସ କରୁଛନ୍ତି ଏବଂ ସମ୍ବିଧାନର ୩୫୦ ଧାରା ଅନୁସାରେ ଆମର ମାତୃଭାଷାରେ ପଢିବାର ଅଧିକାର ଅଛି ।

# ଶୁଟିଂ ସେଟରେ ଆତ୍ମହତ୍ୟା କଲେ ଅଭିନେତ୍ରୀ

ମୁମ୍ବାଇ, (ପି.ଏନ): ପୁଣିଥରେ ଟିଭି ଜଗତରୁ ଆସିଛି ଦୁଃଖଦ ଖବର। ଲୋକପ୍ରିୟ ଟିଭି ଅଭିନେତ୍ରୀ ତୁନିଶା ଶର୍ମା ଆତ୍ମହତ୍ୟା କରିଛନ୍ତି। ଶୁଟିଂ ସେଟ୍ ?ରେ ହିଁ ସେ ଏପରି ଚରମ ପଦକ୍ଷେପ ନେଇଛନ୍ତି। ତୁନିଶା ଟିଭି ସିରିଏଲ ଅଲୀ ବାବା-ଦାସ୍ତାନ ଇ କବୁଲରେ ଅଭିନୟ କରୁଥିଲେ। ଆଜି ସେ ଶୁଟିଂ ପାଇଁ ଯାଇଥିବା ବେଳେ ସେଠାରେ ଜୀବନ ହାରିଛନ୍ତି। ନାଇଗାଓଁରେ ଆଜି ସିରିଏଲର ଶୁଟିଂ ରହିଥିଲା। ଏଥିପାଇଁ ସେ ସେଟର ମେକରୁମରେ ରହିଥିଲେ। କିନ୍ତୁ ସେଠାରେ ଥିବା ଫ୍ୟାନ ଦ୍ୱାରା ସେ ବେକରେ ଓଢଣୀ ଲଗାଇ ଝୁଲି ପଡିଥିଲା। ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ଶୁଟିଂ ସେଟ୍ ?ରେ ଥିବା କ୍ରୁ ସଦସ୍ୟ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।ଅଭିନେତା ଶିବିନ ନାରାଙ୍ଗଙ୍କ



ସହ ତୁନିଶା ଆଜି ଗୋଟିଏ ମ୍ୟୁଜିକ ଭିଡିଓର ଶୁଟିଂ କରିବାର ଥିଲା। କିନ୍ତୁ ହଠାତ୍ ସେ କାହିଁକି ଆତ୍ମହତ୍ୟା କଲେ, ସେକଥା ଜଣାପଡିନି। ଆତ୍ମହତ୍ୟା କରିବାର ୫ ଘଣ୍ଟା ପୂର୍ବରୁ ସେ ମେକ ରୁମରୁ ହିଁ ନିଜର ଗୋଟିଏ ଭିଡିଓ ସୋଶାଲ ମିଡିଆରେ ପୋଷ୍ଟ କରିଥିଲେ ।ହେଲେ ଏହି ୫ ଘଣ୍ଟା ମଧ୍ୟରେ ଏମିତି କ'ଣ ହେଲା ଯେ ସେ ଆତ୍ମହତ୍ୟା କଲେ, ତା'କୁ ନେଇ ପ୍ରଶ୍ନ ଉଠିଛି। ତୁନିଶାଙ୍କ ଆତ୍ମହତ୍ୟା ଖବର ପ୍ରଚାର ହେବା ପରେ ପୂରା ଟିଭି ଓ ସିନେମା ଇଣ୍ଡଷ୍ଟ୍ରୀ ସ୍ତବ୍ଧ ହୋଇଯାଇଛି। ତୁନିଶା ଫିତୁର ଓ ବାର ବାର ଦେଖୋ ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ। ଇଣ୍ଟରନେଟ ୱାଲା ଲଭ, ଇସକ ସୁଭାନାଲ୍ଲା, ଗାୟବ ଓ ଶେର ଇ ପଞ୍ଜାବ ମହାରାଜ ରଣଜୀତ ସିଂହ ଭଳି ଶୋ'ରେ ନଜର ଆସିଥିଲେ। ୨୦ ବର୍ଷୀୟ ତୁନିଶା ଶିଶୁ କଳା ଭାବେ ମଧ୍ୟ କାମ କରିଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ

## ସୌଭାଗ୍ୟଲକ୍ଷ୍ମୀ ସିଂହ ପାଇଲେ ବିଦ୍ୟା ବିଭୂଷଣ(ପିଏଚ୍‌ଡି) ଉପାଧି





ଭୁବନେଶ୍ୱର ,(ପି.ଏନ): ଭୁବନେଶ୍ୱର ସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ଉତ୍ସବ ଆଜି ବିଶ୍ୱ ବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଅଧ୍ୟକ୍ଷତାରେ ନୂଆ ସମାବର୍ତ୍ତନ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗଣିତ ବିଷୟରେ ସୌଭାଗ୍ୟଲକ୍ଷ୍ମୀ ସିଂହଙ୍କୁ ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ବିଦ୍ୟା ବିଭୂଷଣ(ପିଏଚ୍‌ଡି) ଉପାଧି ପ୍ରଦାନ କରାଯାଇଛି। ଏହି ଉପାଧି ଗ୍ରହଣ କରି ସୌଭାଗ୍ୟଲକ୍ଷ୍ମୀ ସିଂହ ଅତ୍ୟନ୍ତ ଗର୍ବିତ ଓ ଆନନ୍ଦିତ । ଏଥିସହ ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାଂସଦ ଅଚ୍ୟୁତ ସାମନ୍ତ ଓ ଡିଆର୍‌ଡିଓର ଏରୋନେଟିକାଲ୍ ସିଷ୍ଟମ୍ସ(ଏଏସ୍)ର ମହାନିର୍ଦ୍ଦେଶକ ତଥା ବୈଜ୍ଞାନିକ ଟେସି ଥୋମାସ୍‌ଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯିବା ସହ ପୂର୍ବ ଶିକ୍ଷାବର୍ଷ ଲାଗି ୧୬୩ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ, ୯୯ଜଣଙ୍କୁ ସ୍ୱର୍ଣ୍ଣପଦକ ଓ ଜଣେ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ଡି.ଏସ୍‌ସି ଓ ଡି.ଲିଟ୍ ଡିଗ୍ରୀ ଦିଆଯାଇଛି । ଏହି ଉତ୍ସବରେ ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ତଥା ଓଡିଶା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଭି.ଗୋପାଲ ଗୌଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୀକ୍ଷା' ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଳପତି ପ୍ରଫେସର୍ ସବିତା ଆଚାର୍ଯ୍ୟ , କଲେଜ ଡେଭଲପମେଂଟ କାଉନସିଲ୍(ସିଡିସି)ନିର୍ଦ୍ଦେଶକ ପ୍ରଫେସର୍ ନିଗମାନନ୍ଦ ଦାଶ, କୁଳସଚିବ ଅଭୟ କୁମାର ନାୟକ,ଓ ଉପ କୁଳସଚିବ ମନୋଜ କୁମାର ସାଡୁଆଲ୍‌ଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ବିଶ୍ୱ ବିଦ୍ୟାଳୟର କୁଳପତି କହିଲେ ଯେ, ଏକ ବିଂଶ ଶତାବ୍ଦୀରେ ନିଜକୁ ବିଶ୍ୱର ଅନ୍ୟ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଭଳି ଆତ୍ମନିର୍ଭରଶୀଳ ଓ ସମକକ୍ଷ କରିବା ପାଇଁ ଏହି ଅନୁଷ୍ଠାନ ସମାଜର ସବୁବର୍ଗରୁ ସହଯୋଗ, ସଦିଚ୍ଛା ଓ ସକରାତ୍ମକ ସ୍ୱାୟତତା ଓ ସ୍ୱାଧୀନତାର ଅପେକ୍ଷା ସବୁବେଳେ ରଖୁଛି ।

# ରାଜ୍ୟ ସରକାରୀ କର୍ମଚ୍ଚାରୀ ସମନ୍ୱୟ ସମିତିର ୧୮ଦଶ ରାଜ୍ୟ ସମ୍ମିଳନୀ

ଭୁବନେଶ୍ୱର,(ପି.ଏନ): ଓଡ଼ିଶା ରାଜ୍ୟ ସରକାରୀ କର୍ମଚ୍ଚାରୀ ସମନ୍ୱୟ ସମିତିର କେନ୍ଦୁଝରଠାରେ ଅନୁଷ୍ଠିତ ୧୮ଶ ରାଜ୍ୟ ସମ୍ମିଳନୀରେ ନିର୍ବାଚିତ ହୋଇଥିବା ନବନିର୍ବାଚିତ କର୍ମକର୍ତାଙ୍କ ଶପଥପାଠ ଉତ୍ସବ ଓ ପ୍ରଥମ କାର୍ଯ୍ୟକାରିଣୀ ବୈଠକ ଶନିବାର ସତ୍ୟନଗରସ୍ଥିତ ଯାନ୍ତ୍ରିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟର ସମସ୍ତ ଜିଲ୍ଲାର କର୍ମକର୍ତା ଓ ପୁରୁଣା ନେତୃତ୍ୱ ଯୋଗଦାନ କରିଥିଲେ। ସେମାନଙ୍କ ମଧ୍ୟରେ ସମ୍ବଲପୁରର ସଦାନନ୍ଦ ବେହେରା, ଢେଙ୍କାନାଳର ଅରୁଣ ବଳିୟାରସିଂହ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ କର୍ମଚ୍ଚାରୀ ନେତା ସାଥୀ ପ୍ରତାପ ଚନ୍ଦ୍ର ମିଶ୍ର ନିର୍ବାଚିତ କର୍ମକର୍ତାମାନଙ୍କୁ ଶପଥପାଠ କରାଇବା ସହ ସଂଗଠନକୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ସାଧାରଣ ସମ୍ପାଦକ ସାଥୀ ନରୋ ମ ପାର୍ଥସାରଥୀ ରାଜ୍ୟରୁ ୪ଜଣ ନ୍ୟାସନାଲ ଏକ୍‌ଜ୍ୟୁଟିଭ ମେମ୍ବର ମନୋନୀତ ହୋଇଥିବାରୁ କେନ୍ଦ୍ରୀୟ ନେତୃତ୍ୱମାନେ ସଂଗଠନକୁ ମଜଭୁତ କରିବା ସହ କର୍ମଚ୍ଚାରୀଙ୍କ ସମସ୍ୟା ଉପରେ ମତ ରଖିଥିଲେ। ସାଧାରଣ ସମ୍ପାଦକ ସୁଜିତ କୁମାର ନାୟକ ଏବଂ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ ବରିଷ୍ଠ ନେତୃତ୍ୱ କ୍ଷେତ୍ରମୋହନ ଦାସ ସଂଗଠନର ଆଗାମୀ ଦିନର କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ। ମାର୍ଚ୍ଚ ୨୦୨୩ ସୁଦ୍ଧା ରାଜ୍ୟରେ ବାକି ଥିବା ଜିଲ୍ଲାର ସମ୍ମିଳନୀ ସାରିବା ପାଇଁ ସହଯୋଗ କରିବା ପାଇଁ ନିବେଦନ କରିଥିଲେ।

# ସବୁ ଶ୍ରମିକଙ୍କ ପାଇଁ ୧୨ ମାସ ରୋଜଗାର, ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ଚିକିତ୍ସା ଦାବୀ




ଭୁବନେଶ୍ୱର ,(ପି.ଏନ) : ସାରା ରାଜ୍ୟରେ କାମ କରୁଥିବା ଜଙ୍ଗଲ, ନିର୍ମାଣ ଓ ସମସ୍ତ ଅସଂଗଠିତ ଶ୍ରମିକମାନଙ୍କ ପାଇଁ ୧୨ ମାସ ରୋଜଗାର ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ଚିକିତ୍ସା ହେବା ଆବଶ୍ୟକ ବୋଲି ଆଜି ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ନବ ନିର୍ବାଚିତ ରାଜ୍ୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର କର୍ମକର୍ତା ଓ କାର୍ଯ୍ୟକାରିଣୀ ବୈଠକରେ ପୌରାହିତ କରି ଜାତୀୟ ଉପସଭାପତି, ରାଜ୍ୟ ସଭାପତି ତଥା ପ୍ରାକ୍ତନ ସାଂସଦ ଡଃ ରାମଚନ୍ଦ୍ର ଖୁଂଟିଆ କହିଛନ୍ତି। ଓଡ଼ିଶା ରାଜ୍ୟରେ କାମ ନ ପାଇ ରୋଜଗାର ପାଇଁ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଶ୍ରମିକ ରାଜ୍ୟ ବାହାରକୁ ଚାଲି ଯାଉଥିବାବେଳେ ଅସଂଗଠିତ ଶ୍ରମିକ, ନିର୍ମାଣ ଓ ଜଙ୍ଗଲ ପ୍ରବାସୀଙ୍କୁ ୧୨୦ ଦିନରୁ ଅଧିକ କାମ ମିଳୁନାହିଁ। ଏଣୁ ସମସ୍ତ ଅସଂଗଠିତ ଶ୍ରମିକଙ୍କ ପାଇଁ ଉପଯୁକ୍ତ ରୋଜଗାର, ମଜୁରୀ, ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ଚିକିତ୍ସା ଦାବୀ କରି ଏକ ପ୍ରସ୍ତାବ ରାଜ୍ୟ କାର୍ଯ୍ୟକିରୀଣୀ ବୈଠକରେ ଗୃହିତ ହୋଇଛି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ ଯାତ୍ରାର ଅଦ୍‌ଭୂତ ପୂର୍ବ ସଫଳତା ଓ ଜନସମର୍ଥ ହେତୁ ଏହି ଯାତ୍ରାକୁ ସମର୍ଥନ କରି ଏକ ପ୍ରସ୍ତାବ ଗୃହିତ ହେବା ସହିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭାରତ ଯୋଡ଼ ଯାତ୍ରାରେ ଯୋଗ ଦେବା ପାଇଁ ନିଷ୍ପତି ନେଇଛନ୍ତି। ଶ୍ରୀ ମଲ୍ଲିକାର୍ଜୁନ ଖଡ଼ଗେ ପରି ଜଣେ ଅଭିଜ୍ଞ ପ୍ରତିଷ୍ଠିତ, ଦଳିତ ନେତାଙ୍କୁ ଅଖିଳ ଭାରତ କଂଗ୍ରେସ କମିଟିର ସଭାପତି ଭାବେ ନିର୍ବାଚିତ ପରିଥିବାରୁ ଏକ ପ୍ରସ୍ତାବରେ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଆଗାମୀ ୬ ମାସ ମଧ୍ୟରେ ଓଡ଼ିଶା ରାଜ୍ୟରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ଏହାର ମେମ୍ବରସିପ୍ ବଢ଼ାଇବା ପାଇଁ ଅଧିକ ନୂତନ ୟୁନିଅନ କରିବା, ଆଶା, ଅଙ୍ଗନୱାଡ଼ି, ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟ ଚିକିତ୍ସା ଉପରେ ଗୁରୁତ୍ୱ ଦେଉଛନ୍ତି। ବାରମ୍ବାର ଦାବୀ ସତ୍ତ୍ୱେ ଶ୍ରମ ବଭାଗ ତରଫରୁ ନୂତନ ଶ୍ରମିକଙ୍କୁ ରେଜିଷ୍ଟ୍ରିଭୁକ୍ତ କରିବା, ନୂଆ କାର୍ଡ଼ କରିବା, ନବିକରଣ କରିବା ଇତ୍ୟାଦି ଏହି ସଭାରେ ଦାବୀ କରିଛନ୍ତି। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସାଧାରଣ ସଂପାଦକ-କିଶୋର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରୁ ଉପସଭାପତି- ମଦନ ମୋହନ ଧଳ, ପ୍ରଶାନ୍ତ ମହାପାତ୍ର, ଶ୍ୟାମ ସୁନ୍ଦର ମହାପାତ୍ର, ବିଦ୍ୟାଧର ମହାନ୍ତି, ସୌଭାଗ୍ୟ ପ୍ରଧାନ, ନିର୍ମଳ ସାମଲ, ସତ୍ୟବ୍ରତ ନାୟକ, ଅକ୍ଷୟ ତ୍ରିପାଠୀ, ଧରଣୀଧର ସ୍ୱାଇଁ, ପ୍ରଣତି ମିଶ୍ର, ବିଭବ ଜେନା, ଜନାର୍ଦ୍ଦନ ଦେହୁରୀ, ଶିବାନନ୍ଦ ରାୟ, ସିଲି ସେଠୀ, ଭୁବନ ବିହାରୀ ସାହୁ, କୃଷ୍ଣଚନ୍ଦ୍ର ଓଝା, ବସନ୍ତ କୁମାର ସେଠୀ, ମୁକ୍ତାର ଖାଁ, ଭୋକାଲୀ ସେଠୀ, କୃଷ୍ଣଚନ୍ଦ୍ର ସାହୁ, ଅଜୟ ପାଇକରାୟ, ଘନ ସବର ପ୍ରମୁଖ ଉପସ୍ଥିତ ଥିଲେ।


MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ଘଟଣା ଦିଗରେ ଆପଣ ରହନ୍ତୁ ଆଗରେ
**ପର୍ଯ୍ୟବେକ୍ଷକ**
PARYABEKHYAK



Bhubaneswar Tuesday December 27, 2022 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୨୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କଟକସ୍ଥିତ ଆଦୃତା କନ୍ୟାଶ୍ରମ ରେ ଖ୍ରୀଷ୍ଟମାସ ପର୍ବ ପାଳନ

କଟକ, (ପି.ଏନ): ଏକ ସ୍ୱେଚ୍ଛାସେବୀ ସଂସ୍ଥା ' ଅଲୱେଜ ଉଇଥ ୟୁ ' ତରଫରୁ ବରିଷ୍ଠ ସଭ୍ୟା ଶ୍ରୀମତୀ ସଙ୍ଗୀତା ଦାସଙ୍କ ପୌରୋହିତ୍ୟରେ ଆଜି ପୂର୍ବାହ୍ନରେ କଟକ ଶେଖବଜାର ସ୍ଥିତ ଆଦୃତା କନ୍ୟାଶ୍ରମ ଠାରେ ସମସ୍ତ ଅନ୍ତେବାସିନୀଙ୍କ ସହିତ ବଡ଼ଦିନ ତଥା ଖ୍ରୀଷ୍ଟମାସ ପର୍ବ ପାଳନ କରାଯାଇଛି ଓ ପ୍ରାରମ୍ଭରେ ଏକ କେକ କାଟିବା ସହିତ କନ୍ୟାଶ୍ରମ ର ଅନ୍ତେବାସିନୀ ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଏବଂ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ ପରେ ପରେ ସେମାନଙ୍କୁ ପୁରସ୍କୃତ ମଧ୍ୟ କରାଯାଇଥିଲା ଓ ଏହି ଉତ୍ସବରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଅନ୍ୟ




ସଦସ୍ୟ ତଥା ସଦସ୍ୟା ମାନେ ରୋଟାରୀଆନ ବିନ୍ଦୁ ଦାସ , ଆଡ଼ଭୋକେଟ ବିଶ୍ୱଜିତ ପାଣି, ପୁଷ୍ପଲତା ପତି, ରାଜେଶ ସାହୁ , ସୁମନ ଚାଢ଼ା, ସରୋଜ କୁମାର ରାଉତ , ଏବଂ ସ୍ମରଣିକା ପଣ୍ଡା ଉପସ୍ଥିତ ଥିଲେ ଓ

## ୨୩ ବର୍ଷ ବିଜେଡି ସରକାର ବିରୁଦ୍ଧରେ ବିଜେପିର ସତ୍ୟାଗ୍ରହ

ପାଟଣା,(ପି.ଏନ):ଆଜି ଭାରତୀୟ ଜନତା ପାର୍ଟି ପକ୍ଷରୁ ପାଟଣା ପଂଚାୟତ ସମିତି ସମ୍ମୁଖରେ ପାଟଣା ନିର୍ବାଚନ ମଣ୍ଡଳୀର ସତ୍ୟାଗ୍ରହ ୨୩ ବର୍ଷ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ହୋଇଯାଇଛି । ପାଟଣା ବିଧାନସଭା ସଂଯୋଜକ ସୁଦର୍ଶନ ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖଅତିଥି ଭାବେ ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଉପସ୍ଥିତ ରହିଥିବା ବେଳେ ବିଜେପି ଆଦିବାସୀ ମୋର୍ଚ୍ଚା ରାଜ୍ୟ ଉପସଭାପତି ତଥା ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷା ମମତା ନାଏକ, ଜିଲ୍ଲା ସଂପାଦିକା ବିଜୟଲକ୍ଷ୍ମୀ ପାତ୍ର, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସବୀର ଦାଶ, ବିଜେପି ନେତା ସତ୍ୟବ୍ରତ ନାଏକ, ପ୍ରଭାରୀ କୃପାସିନ୍ଧୁ ମହାନ୍ତ, ସମସ୍ତ ମଣ୍ଡଳ ସଭାପତି ଯଥା ରମେଶ ମହାନ୍ତ, ମିତ୍ରଭାନୁ ମହାନ୍ତି, ବୁଲୁ ବାରିକ, ପ୍ରବୀର ନାୟକ, ନରହରି ମହାନ୍ତ, ମହିଳାମୋର୍ଚ୍ଚା ଜିଲ୍ଲା ଉପସଭାପତି ସୋମବାରୀ ମୁଣ୍ଡା, ସମସ୍ତ ମଣ୍ଡଳ ଏବଂ ମୋର୍ଚ୍ଚାର ପଦାଧିକାରୀ ଉପସ୍ଥିତ ଥିଲେ । ଜିଲ୍ଲା ଯୁବମୋର୍ଚ୍ଚା ସବାପତି ହେମରନ ବାରିକ କାର୍ଯ୍ୟଖ୍ରମର ସଂଯୋଜନା କରିଥିଲେ । ୨୩ ବର୍ଷର ବିଜେଡି ସରକାରରେ ପରୀ ଠାରୁ ମମତା ମେହେର ପର୍ଯ୍ୟନ୍ତ ହଜାର ହଜାର ଦୁଷ୍କର୍ମ ଏବଂ ହତ୍ୟା ଘଟଣା ସବୁର ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବରେ ସଂପୃକ୍ତି ଥିବା ନେତାମନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନିଆଯାଇ ସାକ୍ଷୀ ମାନଙ୍କୁ ଯୋଜନାବଦ୍ଧ ଭାବରେ ହତ୍ୟା କରି କେଶ୍‌କୁ ରଫାଦଫା କରି ପୀଡିତଙ୍କୁ ନ୍ୟାୟ ଦେବାରେ ଅସମର୍ଥ ହୋଇଛି ରାଜ୍ୟ ସରକାର । ପାଟଣା ନିର୍ବାଚନ ମଣ୍ଡଳୀରେ ବିଜେଡିର ବିଧାୟକ ଏବଂ ସାଂସଦଙ୍କ ଜରିଆରେ ସରକାର ସମସ୍ତ ଅନୁଦାନରୁ ସର୍ବାଧିକ ୧୦% ପ୍ରତିଶତ ପିସି ନିଆଯାଉଛି, ଭଙ୍ଗା ଘର ମରାମତି ନକରି ଅସୁରକ୍ଷିତ ବିଦ୍ୟାଳୟ ଗୁଡିକୁ ରଙ୍ଗ ମାରି ୫-ଟି ନାମରେ ହଜାର ହଜାର କୋଟି ମହାଘୋଟାଲା କରିଛି ରାଜ୍ୟ ସରକାର । କେନ୍ଦ୍ର ସରକାରଙ୍କ ଅନୁଦାନ ହେଉଥିବା ଶୌଚାଳୟ ଏବଂ ଆବାସ ଘର ବଣ୍ଟନରେ କୋଟି କୋଟି ଟଙ୍କା ଅର୍ଥ ରାଶି ପିସି ଆକାରରେ ହିତାଧିକାରୀଙ୍କ ପାଖରୁ ନେଇ ରାଜ୍ୟ ସରକାର ଓଡିଶାବାସୀଙ୍କୁ ଠକି ଚାଲିଛି । ୩୫%ପ୍ରତିଶତ ଜଳସେଚନ ଚାଷ ଜମିକୁ ପହଞ୍ଚାଇବାର କଥା ଦେଇଥିବା ନବୀନ ସରକାର ଆଜି ଚାଷୀଙ୍କୁ ହତାଶ କରିଛି । ମିଲର ଏବଂ ମଣ୍ଡି ମାଲିକଙ୍କ ସହିତ ମଧୁଚନ୍ଦ୍ରିକା କରି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ରାଶି ନଦେଇ ଓଡିଶାର ଚାଷୀମାନଙ୍କ ପାଖରୁ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କା ହରିଲୁଟ୍ କରୁଛି । ମନରେଗା କାମରେ ସମ୍ପୂର୍ଣ୍ଣ ଦୁର୍ନୀତି କରି ଠିକାଦାର ଓ କୁଜି ନେତାଙ୍କ ସହଯୋଗରେ କୋଟି କୋଟି ଟଙ୍କା ଆତ୍ମସାତ କରୁଛନ୍ତି ସ୍ଥାନୀୟ ବିଧାୟକ ଏବଂ ଲୋକପ୍ରତିନିଧି ।

## ସାଗରିକା କଳା ନିକେତନରେ ଉମେଶ କରଙ୍କ ସ୍ମୃତିରେ ଶ୍ରଦ୍ଧାଳୀ ସଭା



ଭୁବନେଶ୍ୱର,(ପି.ଏନ): ବନ୍ଦର ନଗରୀ ପାରାଦୀପର ସର୍ବ ପୁରାତନ ତଥା ଅଗ୍ରଣୀ ସଂଗୀତ ଓ ନୃତ୍ୟ ଅନୁଷ୍ଠାନ ସାଗରିକା କଳା ନିକେତନ ପରିସରରେ ଓଡିଶାର ପ୍ରସିଦ୍ଧ ତବଲା ବାଦକ ଶ୍ରୀ ଉମେଶ କରଙ୍କ ନିଧନରେ ଏକ ଶ୍ରଦ୍ଧାଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ କୁମାର ବଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶ୍ରଦ୍ଧାଳୀ ସଭାରେ ଅନୁଷ୍ଠାନର ସମସ୍ତ ଗୁରୁ ଓ ଛାତ୍ର-ଛାତ୍ରୀମାନେ ଶ୍ରୀକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଭାବପୂର୍ଣ୍ଣ ଶ୍ରଦ୍ଧାଳୀ ଅର୍ପଣ କରିବା ସଂଗେ ସଂଗେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ । ଅଧ୍ୟକ୍ଷ ପ୍ରଫୁଲ୍ଲ ବଳ ଓ ଅନୁଷ୍ଠାନର ବରିଷ୍ଠ ନୃତ୍ୟଗୁରୁ ବ୍ରଜ କିଶୋର ମଲ୍ଲିକ ଦିବଂଗତ ଉମେଶ କରଙ୍କ ଅମାୟିକ ବ୍ୟକ୍ତିତ୍ୱ ତଥା ଓଡିଆ ସଂଗୀତ ଜଗତକୁ ତାଙ୍କର ଅବଦାନ ସଂବଧରେ ନିଜ ନିଜର ବକ୍ତବ୍ୟ ରଖି ତାଙ୍କର ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ କରଙ୍କ ଆବର୍ତମାନ ଓଡିଶା ସଂଗୀତ ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କଲା ବୋଲି ଶ୍ରଦ୍ଧାଳୀ ସଭାରେ ଉପସ୍ଥିତ ଅନୁଷ୍ଠାନର ଗୁରୁମାନେ ମତବ୍ୟକ୍ତ କରିଥିଲେ । ଶ୍ରଦ୍ଧାଳୀ ସଭାଟିକୁ ସାଗରିକା କଳା ନିକେତନର ସଂପାଦକ ନୀରୋଜ ପଟ୍ଟନାୟକ ପରିଚାଳନା କରିଥିଲେ ।

## ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୯୨ ବ୍ୟାଚ୍‌ର ବନ୍ଧୁ ମିଳନ

ପାରାଦୀପ, (ପି.ଏନ): ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୯୨ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କର ବନ୍ଧୁ ମିଳନ ନୂଆବଜାରସ୍ଥିତ ପୋର୍ଟ କ୍ଲବ ପରିସରରେ ଆୟୋଜିତ ହୋଇଥିଲା । ଏହି ବ୍ୟାଚ୍‌ର ୧୫୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ପ୍ରଶାନ୍ତ କୁମାର ଲେଙ୍କା, ଦୀପକ କୁମାର ଖୁଟିଂଆ, ମନୋଜ ଖଟୁଆ, ସଂଗ୍ରାମ ସ୍ୱାଇଁ, ମନୋଜ କୁମାର ସ୍ୱାଇଁ, ହିମାଂଶୁ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ପାରାଦୀପ ଡି.ଏ.ଭି ପବ୍ଲିକ ସ୍କୁଲର ସମ୍ବର୍ଦ୍ଧନା ଉତ୍ସବ

ପାରାଦୀପ, (ପି.ଏନ): ପବିତ୍ର ବଡଦିନ ଅବସରରେ ପାରାଦୀପ ଡି.ଏ.ଭି ପବ୍ଲିକ ସ୍କୁଲର ସମ୍ବର୍ଦ୍ଧନା ଉତ୍ସବ ନୂଆବଜାରସ୍ଥ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ପିପିଏଲ ଡିଏଭି ସ୍କୁଲର ଅଧକ୍ଷ ସିବ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପାରାଦୀପ ମହାବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ଗଣେଶ୍ୱର ପାତ୍ର ଯୋଗ ଦେଇଥିଲେ । ସ୍କୁଲର ଅଧକ୍ଷା ବିନ୍ଦୁଶ୍ରୀ ମହାନ୍ତିଙ୍କ ତତ୍ୱାବଧାନରେ ଏହି ଉତ୍ସବକୁ ପରିଚାଳିତ କରିଥିବା ବେଳେ ୨୦୧୮-୧୯ ରୁ ୨୦୨୧-୨୨ ପର୍ଯ୍ୟନ୍ତ ଶିକ୍ଷା ଓ କଳାରେ କୃତିତ୍ୱ ହୋଇଥିବା ମେଧାବୀ ଛାତ୍ରଛତ୍ରୀ ମାନଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧିତ କରାଯିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବହୁ ଉପାଦେୟ ଓ ନିତିଧର୍ମ, ପରିଶ୍ରମର ଉପଦେଶ ଦେଇଥିଲେ । ଏକାଡେମିକ୍‌ର ଆବାହକ ହୃଷିକେଶ ପ୍ରଧାନ, ଅପରାଜିତା ପି. ନାୟକ, ମନୋଜ କୁମାର ରଥ, ସୁମନ୍ତ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ଶେଷରେ ଭି. ସାରଳା ଧନ୍ୟବାଦ ଅର୍ପଣ କରିଥିଲେ । ଅଟଳ ବିହାରୀ ବାଜପାୟୀ ଟ୍ରଷ୍ଟ ଆନୁକୂଲ୍ୟରେ ବାଜପାୟୀଙ୍କ ଜନ୍ମ ଜୟନ୍ତୀ ଆଡମ୍ବର




ସହକାରେ ପାଳିତପାରାଦୀପ-୨୬/୧୨- ଡିସେମ୍ବର ୨୫ ତାରିଖ ଭାରତରତ୍ନ ତଥା ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ୯୮ ତମ ପୂଣ୍ୟ ଜନ୍ମଜୟନ୍ତୀ ଅବସରରେ ପାରାଦୀପର ଅଟଳ ବିହାରୀ ବାଜପାୟୀ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟ ପରିସରରେ ଅଟଳଜୀଙ୍କ ଜନ୍ମଜୟନ୍ତୀ ରବିବାର ଦିନ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ବାଜପାୟୀ ପାର୍କରେ ତାଙ୍କ ପ୍ରତିମୂର୍ତିରେ ମାଲ୍ୟର୍ପଣ କରାଯାଇ ସନ୍ଧ୍ୟାରେ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା । ଏହି ଅବସରରେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଜପାୟୀଙ୍କ ନୀତି, ଆଦର୍ଶ ଓ ଦେଶ ପାଇଁ ତାଙ୍କର ଅବଦାନ ସଂପର୍କରେ ଅବତାରଣା କରି ସେ ଜଣେ ରାଷ୍ଟ୍ରନୀତିଜ୍ଞ ଥିଲେ ବୋ ନିଜ ବକ୍ତବ୍ୟ କହିଥିଲେ । ଟ୍ରଷ୍ଟର ଅଧକ୍ଷ ଅଜିତ ଦାସଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସଭାପତି ଅଜୟ ଦାସ, ବିଶ୍ୱହିନ୍ଦୁ ପରିଷଦ ଜଗତସିଂହପୁର ଜିଲ୍ଲା ସଂଯୋଜକ ଡ. ଧ୍ରୁତିଧର ଦାସ, ଟ୍ରଷ୍ଟର ସଦସ୍ୟ ଆଇନଜୀବୀ କୌଳାସ ସାହୁ, ନାରୀନେତ୍ରୀ ଶୈଳେନ୍ଦ୍ରୀ ସେନାପତୀ, ସହ ସଂପାଦକ ସଂଜୀବ ମିଶ୍ର, ପାରିଷଦ ବନୀତା ରାଉତ ପ୍ରମୁଖ ସମ୍ମନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଗୁରୁଜୀ ଶ୍ରୀକାନ୍ତ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିବା ସହ ମଂଚ ପରିଚାଳନା କରିଥିଲେ । ଶେଷରେ ଟ୍ରଷ୍ଟର ସଂପାଦକ ଅରୁଣ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଦଳମତ ନିର୍ବିଶେଷରେ ଆୟେଜିତ ଏହି କାର୍ଯ୍ୟକ୍ରମରେ ଅଟଳ ପ୍ରେମୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା ।

## ବାମେବାରୀ ଥାନା ଅଂଚଳରେ ଡିଜେଲ ଚୋର ସକ୍ରିୟ, ଡିଜେଲ ଚୋରକୁ ଗଛରେ ବାନ୍ଧି ପୋଲିସର ଜିମା ଦେଲେ ସ୍ଥାନୀୟ ଲୋକ

ଯୋଡା,(ପି.ଏନ):କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅଂଚଳରେ ଡିଜେଲ ଚୋର ସକ୍ରିୟ ହେବାରେ ଲାଗିଛନ୍ତି । ବାମେବାରୀ ଅଂଚଳ ଖଣିଖାଦାନଭରା ହୋଇଥିବାରୁ ଏହି ଅଂଚଳରେ ପ୍ରତିଦିନ ଶହ ଶହ ଖଣିଜ ବୋଝେଇ ଟ୍ରକ୍ ଯାତାୟତ କରିଥାନ୍ତି । ଗାଡି ଗୁଡିକୁ ଖଣିରୁ ଖଣିଜ ବୋଝେଇ ପାଇଁ ଅନେକ ସମୟ ଏପରିକି ଦିନରାତି ମଧ୍ୟ ଠିଆ ହେବାକୁ ପଡିଥାଏ । ଏହାର ସୁଯୋଗ ନେଇ ବଡବିଲ ଓ ବଲାଣୀ ଅଂଚଳର କିଛି ଲୁଟେରା ରାତିଅଧିଆ ଆସି ଗାଡିରୁ ଡିଜେଲ ଚୋରି କରିବା ସହ ଟାୟାର ଓ ବିଭିନ୍ନ ପ୍ରକାର ଯନ୍ତ୍ରାଂଶ ଚୋରି କରି ନେଉଥିବା ଜଣାପଡିଛି ।

## ପରମ ଭୂଷଣ(ଡି.ଏସ୍‌ସି) ଉପାଧି ପ୍ରାପ୍ତ ଡଃ. ଗୋପାଳ ଚନ୍ଦ୍ର ନନ୍ଦଙ୍କ ପେଟେଂଟେଡ୍ ଡି.ଏନ୍.ଏ ନାଜାଲ୍ ଡ୍ରପ୍ ଏବେ ବଜାରରେ ଉପଲବ୍ଧ

ଭୂବନେଶ୍ୱର,(ପି.ଏନ): ଭାରତ ସରକାରଙ୍କ ଅଧିନ ଆୟୁର୍ବେଦ ଗବେଷଣା ପରିଷଦର ପୂର୍ବତନ ବରିଷ୍ଠ ବୈଜ୍ଞାନିକ ତଥା ନିକଟରେ ଉତ୍କଳ ବିଶ୍ୱ ବିଦ୍ୟାଳୟରୁ ଚିକିତ୍ସା ବିଜ୍ଞାନ ବିଦ୍ୟା କ୍ଷେତ୍ରରେ ଆୟୁର୍ବେଦ ବିଷୟରେ ପରମ ଭୂଷଣ(ଡି.ଏସ୍‌ସି) ଉପାଧି ଲାଭ କରିଥିବା ବିଶିଷ୍ଟ ଆୟୁର୍ବେଦିକ୍ ଡାକ୍ତର ପ୍ରଫେସର୍ ଗୋପାଳ ଚନ୍ଦ୍ର ନନ୍ଦଙ୍କ ୩୦ବର୍ଷର ବିଶେଷ ଗବେଷଣା ଲବ୍ଧ ତଥା ପେଟେନ୍‌ଟେଡ୍ ଡି.ଏନ୍.ଏ ନାଜାଲ୍ ଡ୍ରପ୍ ଯାହାକି ସମସ୍ତ ପ୍ରକାର ସର୍ଦ୍ଦି, କାଶ, ଛିଙ୍କ,ମୁଣ୍ଡବିନ୍ଧା ଏବଂ ନାସା ଓ ଗଳାଗତ ରୋଗ ଆଦି ଲକ୍ଷଣ କ୍ଷେତ୍ରରେ ବଜାରରେ ମିଳୁଥିବା ଏକମାତ୍ର ନିର୍ଭର ଯୋଗ୍ୟ ଓ ଅବ୍ୟର୍ଥ ଔଷଧ ଅଟେ । ଏହା ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଥିବା ମାହାମାରୀ କରୋନା ପାଇଁ ମଧ୍ୟ ଫଳପ୍ରଦ ଔଷଧ । ଏହାକୁ




ବ୍ୟବହାର କରନ୍ତୁ ଓ ନୀରୋଗ ରୁହନ୍ତୁ । ଥରେ ମାତ୍ର ପରୀକ୍ଷା କରି ଦେଖନ୍ତୁ । ଏହି ଔଷଧ ଜି.ଏମ୍.ପି ଏବଂ ଆଇ.ଏସ୍.ଓ ସାର୍ଟିଫାଏଡ୍ କମ୍ପାନୀ ଡି.ଏନ୍.ଏ ଫରମୁଲେସନସ୍ ଦ୍ୱାରା ପ୍ରସ୍ତୁତ । ଏହି ଔଷଧ ପାଇବା ପାଇଁ ୯୧୨୪୦୨୯୮୧୧ ଫୋନ୍ ନମ୍ବରରେ ଯୋଗାଯୋଗ କରନ୍ତୁ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray